ଆଜି - ଶୁକ୍ରବାର
ତାରିଖ - ୦୫ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୨୨
ତିଥି - ପଂଚମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଶ୍ରବଣା, ମକର ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୧୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"କୌଣସି ଶିଶୁକୁ ତୁମର ଶିକ୍ଷା ଭିତରେ ସୀମିତ କରି ରଖନାହିଁ, କାରଣ ସେ ତୁମ ସମୟରେ ନୁହେଁ, ଅନ୍ୟ ଏକ ସମୟରେ ଜନ୍ମଲାଭ କରିଛି । "

- ରବୀନ୍ଦ୍ର ନାଥ ଠାକୁର


E-News : www.Ajikali epaper.com

Vol.- 41 ISSUE- 52 R.N.I. REGD. No. 44026/86 ବାଲେଶ୍ୱର ୦୫ ଜୁନ୍ ୨୦୨୬ ଶୁକ୍ରବାର BALASORE 05 JUNE 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଆଜି ସୁରଟ ଏବଂ ଦାମନରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟ ଏବଂ ଦାମନ ଗସ୍ତ କରିବେ । ଅପରାହ୍ନ ପ୍ରାୟ ୨:୩୦ ସମୟରେ, ପ୍ରଧାନମନ୍ତ୍ରୀ ସୁରଟ ଜିଲ୍ଲାର ହାଜିରା ଗସ୍ତ କରିବେ ଏବଂ ଚାଲୁଥିବା ଶିଳ୍ପ କାର୍ଯ୍ୟ ଏବଂ ଭିତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବେ । ଅପରାହ୍ନ ପ୍ରାୟ ୪:୧୫ ସମୟରେ, ପ୍ରଧାନମନ୍ତ୍ରୀ ସୁରଟରେ ପ୍ରାୟ ୧୮,୮୦୦ କୋଟି ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ ଏବଂ ଶିଳାନ୍ୟାସ କରିବେ । ସେ ଏହି ଅବସରରେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀ ତା'ପରେ ଦାମନ ଯାତ୍ରା କରିବେ, ଯେଉଁଠାରେ ସେ ସନ୍ଧ୍ୟା ପ୍ରାୟ ୬:୧୫ ସମୟରେ ଦାମନରେ ଘଇଗଡ ବିମାନବନ୍ଦରର ନୂତନ ଟର୍ମିନାଲ କୋଠା ଉଦଘାଟନ କରିବେ । ଏହା ପରେ ଦାମନରେ ଘଇଗଡ ହସ୍ପିଟାଲକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ । ଏହା ପରେ, ସନ୍ଧ୍ୟା ପ୍ରାୟ ୭:୧୫ ସମୟରେ, ପ୍ରଧାନମନ୍ତ୍ରୀ ଦାମନରେ ପ୍ରାୟ ୨,୯୭୦ କୋଟି ଟଙ୍କାର ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ, ସମର୍ପିତ ଏବଂ ଶିଳାନ୍ୟାସ କରିବେ । ସେ କେନ୍ଦ୍ର ଶାସିତ ଅଂଚଳ ଲକ୍ଷଦ୍ୱୀପ ପାଇଁ ପ୍ରାୟ ୮୮୫ କୋଟି ଟଙ୍କାର ଚାରୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିବେ । ଏହି ଅବସରରେ ସେ ସମାବେଶକୁ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀ ସୁରଟରେ ୧୮,୮୦୦ କୋଟି ଟଙ୍କାର ବହୁବିଧ ବିକାଶ ପ୍ରକଳ୍ପର



ଉଦଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ ଏବଂ ଶିଳାନ୍ୟାସ କରିବେ ଯାହା ସଡ଼କ, ବିଦ୍ୟୁତ୍ ଏବଂ ଶିଳ୍ପ କ୍ଷେତ୍ର ସହିତ ଜଡିତ । ପ୍ରଧାନମନ୍ତ୍ରୀ ଭଦୋଦରା-ମୁମ୍ବାଇ ଏକ୍ସପ୍ରେସୱେର ୦୯ ଏବଂ ୦୯୦ ପ୍ୟାକେଜକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ, ଯାହା ଗୁଜରାଟ ଏବଂ ମହାରାଷ୍ଟ୍ର ମଧ୍ୟରେ ଉଚ୍ଚ-ଗତି ପରିବହନ, ଲଜିଷ୍ଟିକ୍ସ ଦକ୍ଷତା ଏବଂ ଆର୍ଥିକ ସଂଯୋଗକୁ ବୃଦ୍ଧି କରିବ । ପ୍ରଧାନମନ୍ତ୍ରୀ ପ୍ରମୁଖ ଭିତିଭୂମି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିବେ, ଯେଉଁଥିରେ ଆଦିବାସୀ ଅଂଚଳରେ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟିର ପହଂଚିବା ପାଇଁ ଘଏ-୫୬ ରେ ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକୁ ଚାରି ଲେନ୍ କରିବା ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ସୁରଟରେ ଏକ ୨୨୦ ଶଯ୍ୟା ବିଶିଷ୍ଟ ESIC ହସ୍ପିଟାଲର ମଧ୍ୟ ଉଦଘାଟନ କରିବେ, ଯାହା ଏକ କେନ୍ଦ୍ରୀୟ ପରୀକ୍ଷାଗାର ଏବଂ ଅତ୍ୟାବଶ୍ୟକୀୟ ଆନୁଷଙ୍ଗିକ ସେବା ଦ୍ୱାରା ସମର୍ଥିତ ପ୍ରମୁଖ ବିଶେଷଜ୍ଞତାରେ ଆଧୁନିକ ଦ୍ୱିତୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ । ଏଥିରେ ବୃତିଗତ ଆଘାତ ଏବଂ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିର ସମୟସୀମା ପରିଚାଳନା ସୁନିଶ୍ଚିତ କରିବା ପାଇଁ ୨୪/୭ ଜରୁରୀକାଳୀନ ଏବଂ ଆଘାତ ଯତ୍ନ ମଧ୍ୟ ରହିଛି । ପ୍ରଧାନମନ୍ତ୍ରୀ ଆନ୍ତଃ-ରାଜ୍ୟ ପରିବହନ ବ୍ୟବସ୍ଥା ଅଧୀନରେ ବିଦ୍ୟୁତ୍ ନିଷ୍କାସନ କ୍ଷମତା ବୃଦ୍ଧି କରିବା ପାଇଁ ଗୁଜରାଟରେ ଟ୍ରାନ୍ସମିସନ୍ ନେଟୱାର୍କ ସମ୍ପ୍ରସାରଣ ସମେତ ଗୁରୁତ୍ୱପୂର୍ଣ୍ଣ ଉପଯୋଗୀତା ଏବଂ ଶିଳ୍ପ ଭିତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବେ । ପ୍ରଧାନମନ୍ତ୍ରୀ ଗୁଜରାଟ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ମଧ୍ୟ ଉଦଘାଟନ କରିବେ, ଯେଉଁଥିରେ ବଲସାଡରେ ପୁନଃସଂସ୍କୃତ ସଂସ୍କାର-ଆଧାରିତ ବଂଟନ କ୍ଷେତ୍ର ଯୋଜନା ଅଧୀନରେ ଆଧୁନିକ ବିଦ୍ୟୁତ୍ ବଂଟନ ଉନ୍ନୟନ, ଦହେଜ ପେଟ୍ରୋଲିୟମ୍, ରାସାୟନିକ ଏବଂ ପେଟ୍ରୋକେମିକାଲ୍ ନିବେଶ କ୍ଷେତ୍ର ଏବଂ ସରିଗାମ୍ ଗୁଜରାଟ ଶିଳ୍ପ ବିକାଶ ନିଗ ରେ ଉନ୍ନତ ପ୍ରବାହିତ ନିଷ୍କାସନ ଏବଂ ଚିକିତ୍ସା ଭିତିଭୂମି ଏବଂ ଜମ୍ବୁସର ବଲ୍କ ଡ୍ରଗ୍ ପାର୍କରେ ଆବଶ୍ୟକ ଲେଆଉଟ୍ ଉପଯୋଗୀତା ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଦାମନରେ ପ୍ରାୟ ୨,୯୭୦ କୋଟି ମୂଲ୍ୟର ବିକାଶ ପ୍ରକଳ୍ପର ଉଦଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ ଏବଂ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପଗୁଡ଼ିକ ସ୍ୱାସ୍ଥ୍ୟସେବା, ବେସାମରିକ ବିମାନ ଚଳାଚଳ, ପର୍ଯ୍ୟଟନ, ଭିତିଭୂମି, ସଂଯୋଗୀକରଣ ଏବଂ ଜନକଲ୍ୟାଣ ସମେତ ବିଭିନ୍ନ କ୍ଷେତ୍ରକୁ ବ୍ୟାପିଛି ଏବଂ କେନ୍ଦ୍ରଶାସିତ ଅଂଚଳ ଦାଦ୍ରା ଏବଂ ନଗର ହାବେଲୀ ଏବଂ ଦାମନ ଏବଂ ଦିଉର ସାମଗ୍ରିକ ବିକାଶକୁ ଏକ ପ୍ରମୁଖ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପର ବୈଷୟିକ ବୈଠକକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ପୂର୍ବ ପ୍ରସ୍ତୁତି, ଦୃଢ଼ ଅନୁଷ୍ଠାନ ଏବଂ କମ୍ୟୁନିଟି ସହଭାଗିତା ଜରିଆରେ ବିପର୍ଯ୍ୟୟର ପ୍ରଭାବକୁ ହ୍ରାସ କରାଯାଇ ପାରିବ

ପୁରୀ : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ପବିତ୍ର ସହର ପୁରୀରେ ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପ ର ବୈଷୟିକ ବୈଠକକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଏବଂ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇବା ସହ ଜଳବାୟୁ ପରିବର୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବଢୁଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଅନ୍ତର୍ଜାତୀୟ ଓ ଆନ୍ତଃ-ରାଜ୍ୟ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି । ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧି, ବିଶେଷଜ୍ଞ ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀକୁ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପ୍ରୟାସକୁ ଆଗକୁ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବରେ ବର୍ଣ୍ଣନା କରିଛନ୍ତି । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ବୈଠକର ମୂଳ ବିଷୟବସ୍ତୁ ହେଉଛି ବିପର୍ଯ୍ୟୟ ପରିଚାଳନାରେ "ପ୍ରତିରୋଧ, ଅଭିନବତ୍ୱ, ସହଯୋଗ ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି" । ଜୀବନ, ଜୀବିକା ଏବଂ ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ସମୁଦାୟ ଅଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି । ଏହି ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ଆଶଙ୍କା ହ୍ରାସ ଏବେ କେବଳ ଏକ ସ୍ୱତନ୍ତ୍ର ସୀମାବଦ୍ଧ ବିଷୟ ହୋଇ ରହିନାହିଁ, ବରଂ ଏହା ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଏବଂ ସୁରକ୍ଷାର ମୂଳଦୁଆ ପାଲଟିଛି । ସେ କହିଛନ୍ତି ଯେ ଜଳବାୟୁ ପରିବର୍ତନ, ଦ୍ରୁତ ସହରୀକରଣ ଏବଂ ପରିବେଶର ଅବକ୍ଷୟ ଯୋଗୁଁ ସାରା ବିଶ୍ୱରେ ବାରମ୍ବାର ବିପର୍ଯ୍ୟୟ



ହେବା ସହିତ ଏହାର ତୀବ୍ରତା ମଧ୍ୟ ବୃଦ୍ଧି ପାଉଛି । ଏଥିପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱିତ ପଦକ୍ଷେପ ଆବଶ୍ୟକ । ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱଦ୍ୱାରା ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପରିଚାଳନା ମଡେଲ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଆମର ବିପର୍ଯ୍ୟୟ ପରିଚାଳନା ମଡେଲ "ଶୂନ୍ୟ ମୃତ୍ୟୁହାର" ର ନୀତି ଉପରେ ଆଧାରିତ । ସେ କହିଛନ୍ତି ଯେ ପ୍ରମାଣ-ଆଧାରିତ ଯୋଜନା, ସୁଦୂରପ୍ରସାରୀ ଆଗୁଆ ସୂଚନା ପ୍ରଣାଳୀ, ବିପର୍ଯ୍ୟୟ ପ୍ରତିରୋଧୀ ଭିତିଭୂମି, ବିଭିନ୍ନ ସଂସ୍ଥାର କ୍ଷମତା ବୃଦ୍ଧି ଏବଂ ସମାବେଶୀ ଶାସନ ବ୍ୟବସ୍ଥା ମାଧ୍ୟମରେ ଓଡିଶା ନିଜର ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥାକୁ କ୍ରମାଗତ ଭାବରେ ସୁଦୃଢ଼ କରୁଛି । ବାତ୍ୟା, ଗ୍ରୀଷ୍ମ ପ୍ରବାହ, ବଜ୍ରପାତ, ଉପକୂଳ କ୍ଷୟ ଏବଂ ଜଳବାୟୁ ପ୍ରେରିତ ସହରୀ ଆଶଙ୍କା ପ୍ରତି ଓଡ଼ିଶାର ଆଶଙ୍କା ବିଷୟରେ ଉଲ୍ଲେଖ କରି ଶ୍ରୀ ମାଝୀ ପ୍ରତିରୋଧ-ନିର୍ମାଣ ପଦକ୍ଷେପଗୁଡ଼ିକରେ ନିରନ୍ତର ନୂତନ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, "ପୂର୍ବ ପ୍ରସ୍ତୁତି, ଦୃଢ଼ ଅନୁଷ୍ଠାନ ଏବଂ କମ୍ୟୁନିଟି ସହଭାଗିତା ଜରିଆରେ ବିପର୍ଯ୍ୟୟର ପ୍ରଭାବକୁ ଯଥେଷ୍ଟ ହ୍ରାସ କରାଯାଇ ପାରିବ । ତେବେ, ଆଗାମୀ ଦିନର ଆହ୍ୱାନଗୁଡ଼ିକ ପାଇଁ ଆହୁରି ଅଧିକ ପ୍ରୟାସ, ସୁଦୃଢ଼ ସହଭାଗିତା ଏବଂ ଉନ୍ନତ ବୈଷୟିକ କ୍ଷମତାର ଆବଶ୍ୟକତା ରହିଛି ।






# ଜିଲ୍ଲା ପ୍ରଶାସନର ନିଷ୍ପତି ବିରୋଧରେ ବରିଷ୍ଠ ନାଗରିକଙ୍କ ଗଣଧାରଣା ଜୁନ୍ ୧୨ରେ




ବାଲେଶ୍ୱର, (ନି.ପ୍ର.) ଜିଲ୍ଲା ବରିଷ୍ଠ ନାଗରିକମାନେ ଆସନ୍ତା ୧୨ ତାରିଖ ଶୁକ୍ରବାର ଦିନ ସକାଳ ଆଠଟାରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାରେ ବସିବା ପାଇଁ ନିଷ୍ପ□ି ଗ୍ରହଣ କରିଛନ୍ତି । ବରିଷ୍ଠ ନାଗରିକମ□ର କାର୍ଯ୍ୟକ□ୀ ବୈଠକ ଗୁରୁବାରଦିନ ପୂର୍ବାହ୍ନରେ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଏହି ନିଷ୍ପ□ି ନିଆଯାଇଛି । ସରକାରଙ୍କ ପକ୍ଷରୁ ସମନ୍ୱିତ ବହୁମୁଖୀ ପ୍ରକଳ୍ପ (ଆଇ.ଆଇ.ସି) ପାଇଁ ମଞ୍ଜୁରୀ ମିଳିବାପରେ ଗତ ୨୦୧୯ ମସିହାରେ ରେମୁଣା ବ୍ଲକ୍‌ର ଦହପଡ଼ା ମୌଜାରେ ୨୦ ଏକର ପରିମିତ ଉନ୍ନତ ଯୋଜନା ଯୋଗ୍ୟଜମିକୁ ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଚିହ୍ନଟ କରି ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ନାମରେ ପଟ୍ଟାପ୍ରଦାନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ ଏହି ବହୁମୁଖୀ ପ୍ରକଳ୍ପକୁ ଦହପଡ଼ାରୁ ନୀଳଗିରିର ସଜନାଗଡ଼ ଜଙ୍ଗଲ ଅ□ଳରେ ନିର୍ମାଣପାଇଁ ନିଷ୍ପ□ି ନେଇଛନ୍ତି । ଜିଲ୍ଲା ପ୍ରଶାସନର ଏହି ଅପରିଣାମଦର୍ଶୀ ନିଷ୍ପତିକୁ ବିରୋଧ କରି ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମ□ ପକ୍ଷରୁ ଲିଖିତଭାବେ ଜିଲ୍ଲା ପ୍ରଶାସନକୁ ଓ ରାଜ୍ୟ ସରକାରଙ୍କୁ ବହୁବାର ସ୍ମାରକପତ୍ର ଦିଆଯାଇଛି । ବାଲେଶ୍ୱର ସହର ନିକଟରେ ଦହପଡ଼ା ମୌଜା ଥିବାରୁ ଏହି ପ୍ରକଳ୍ପର ହିତାଧିକାରୀ ଓ ଅନ୍ତେବାସୀମାନେ ସରକାରୀ ଚିକିତ୍ସା ଓ ଗମନାଗମନର ସମସ୍ତ ସୁଯୋଗ ପାଇପାରିବେ ବୋଲି ବରିଷ୍ଠ ନାଗରିକ ମଂଚ□ ପକ୍ଷରୁ କୁହାଯାଇଛି ।

ଏହି ବୈଠକରେ ସାଧାରଣ ସଂପାଦକ ଦାମୋଦର ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରିଥିଲେ । ସର୍ବଶ୍ରୀ ପ୍ରଦୀପ ଚାଟାର୍ଜୀ, ଗିରିଶ ଚନ୍ଦ୍ର ଦାଶ, କମଳାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ଅନୁସୂୟା ନାୟକ, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ଶତପଥୀ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ରନାଥ ଚୌଧୁରୀ, ରବିନାରାୟଣ ବେହେରା, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରକଳ୍ପ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଦହପଡ଼ାରେ ତୁରନ୍ତ ନିର୍ମାଣ ପାଇଁ ବୈଠକରେ ଦାବି କରାଯାଇଛି । ଜିଲ୍ଲାରେ ବହୁ ଦୁସ୍ଥ ବରିଷ୍ଠ ନାଗରିକଙ୍କୁ ଭ□ା ପ୍ରଦାନ କରାଯାଉନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପଂଚାୟତ ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟି ଅଂଟା ଭିଡ଼ିଲା

ବାଲେଶ୍ୱର(ନି.ପ୍ର.) ସ୍ୱାସ୍ଥ୍ୟ, ଚାଷୀଏବଂ ଯୁବକ ରୋଜଗାର ଓ ବିଜୁଳି ଉପରେ ଗୁରୁତ୍ୱ ଦିଆଯିବା ସହ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆମଆଦମୀ ପାର୍ଟି ଏବେଠାରୁ ଓଡ଼ିଶାରେ ନିଜର ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଜୁନ୍ ୧ ତାରିଖରୁ ୧୦ତାରିଖ ମଧ୍ୟରେ ଏହି ସଦସ୍ୟତା କାର୍ଯ୍ୟକ୍ରମ ରାଜ୍ୟର ୩୦ ଜିଲ୍ଲାରେ ତଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ୀକରଣ କରିବା, ଏବଂ ଓଡ଼ିଶାରେ ଆପ୍‌ର ଅଭିବୃଦ୍ଧି ପାଇଁ ତୃଣମୂଳସ୍ତରରେ ସଦସ୍ୟତା ଅଭିବୃଦ୍ଧି ଆଗାମୀ ପଂଚାୟତ ନର୍ବାଚନରେ ଜିଲ୍ଲା ପରିଷଦ, ମ୍ୟୁନିସିପାଲିଟି, ଏନଓସି ନିର୍ବାଚନ ପାଇଁ ଆପ୍ ଏକାକୀ ଲଢ଼ିବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦିଆଯାଇ କୁହାଯାଇଛି ।



ସର୍ବଭାରତୀୟସ୍ତରରେ ନୀତି ଆୟୋଗ ଏବେ ଘୋଷଣା କରିଛନ୍ତି ପଂଜାବରେ ପୂର୍ବରୁ ଶିକ୍ଷା ୨୭ ପ୍ରତିଶତ ଥିବାବେଳେ ଆମଆଦମୀ ପାର୍ଟି ସେଠି ସରକାରରେ ରହିବା ପରେ ଏବେ ଶିକ୍ଷାରେ ୧ ନମ୍ବର ସ୍ଥାନ ଅଧିକାର କରିଛି । ଆପର ସୃଷ୍ଟିକର୍ତା ଅରବିନ୍ଦ କେଜରିୱାଲଙ୍କ ନେତୃତବ୍‌ରେ ଦିଲ୍ଲୀରେ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଓଡ଼ିଶାର ଆଲପର ଅଭିବୃଦ୍ଧି ପାଇଁ ତୃଣମୂଳସ୍ତରରେ ନିଷ୍ପତି ନିଆଯାଇଛି । ବିଜେପି ସରକାରରେ ଥିବା ବ୍ୟକ୍ତି ବିଶେଷ ଫକୀରମୋହନଙ୍କୁ ଇଂରେଜମାନଙ୍କ ଦଲାଲଭାବେ ଚିତ୍ରଣ କରିବା ଅସ୍ମିତାର ଦୁରୂପଯୋଗ କରାଯିବା, ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିକୁ ଅପସଂସ୍କୃତିରେ ପରିଣତ କରିବା,ନାରୀ ଶକ୍ତି ପ୍ରତି ଅନ୍ୟାୟ ଅତ୍ୟାଚାର, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାପକ ଭାବେ ଜରାଜୀର୍ଣ୍ଣ ହୋଇପଡ଼ିଥିବା ବେଳେ ବିଜେପିରେ ଲିଡରର ଅଭାବ, ବିଜେଡ଼ିର ଗୋଷ୍ଠୀ କନ୍ଦଳ, କଂଗ୍ରେସରେ ଭକ୍ତଦାସଙ୍କ ଗୋଷ୍ଠୀ ସକ୍ରିୟ ଏବଂ ରାଜ୍ୟରେ ଅପୋଜିସନ ଶୂନ୍ୟ ଭାବେ ପରିଗଣିତ ହେଉଥିବା ବେଳେ ଆଗାମୀ ଦିନରେ ଆପ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଆମଆଦମୀ ପାର୍ଟିର ରାଜ୍ୟ ସଂଗଠକ ସମ୍ପାଦକ ଶ୍ରୀକାନ୍ତ କୁମାର ପାଣି, ରାଜ୍ୟପ୍ରଭାରୀ ଲଳିତ ମୋହନ ଅଧିକାରୀ, ବାଲେଶ୍ୱର ଜିଲ୍ଲା ସଭାପତି ସ୍ୱର୍ଣ୍ଣ ଭାରତ ଏବଂ ମିନାକ୍ଷୀ ପ୍ରମୁଖ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ବେଆଇନ ବାଲି, ମାଟି ଉତୋଳନ ଅଂଚଳରେ ସାଂସଦ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲିଆପାଳ ବ୍ଲକର ଦେଉଳା ଓ ମଧୁପୁରା ଅଂଚଳରେ ପହଂଚି ମାଫିଆଙ୍କ ଦ୍ୱାରା ଲକ୍ଷ ଲକ୍ଷ ଟ୍ରିପ୍ ମାଟି, ବାଲି ବେଆଇନ ଭାବେ ଉତୋଳନ ତଥା ଚାଲାଣ ହେଉଥିବା ଖବର ପାଇ ପରିଦର୍ଶନ କରିଥିଲେ । ସେ ତହସିଲଦାର, ପୁଲିସ ଏବଂ ଖଣି ବିଭାଗର ଅଧିକାରୀମାନଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଯାଇଥିଲେ । ତଦନ୍ତ ସମୟରେ ଏକ ସର୍ଟକେଟ୍ ରାସ୍ତା ଦେଇ ବାଉଁଶ ମାଧ୍ୟମରେ ପହଂଚି ବେଆଇନ ଭାବେ ମାଟି ଉତୋଳନ



ଚାଲିଥିବା ସ୍ଥାନକୁ ଯାଇଥିଲେ । ସେଠାରେ ଉତୋଳନ କାର୍ଯ୍ୟରେ ନିୟୋଜିତ ଏକ ଜେସିବି ମେସିନ୍ ?କୁ ଜବତ କରାଇଥିଲେ । ଏଭଳି ବେଆଇନ ଭାବରେ ଲକ୍ଷ ଲକ୍ଷ ଟ୍ରିପ୍ ମାଟି, ବାଲି ଚୋରି ହେଉଛି । ଦୁଃଖର ବିଷୟ ଯେ ମୁଁ ଗୁପ୍ତ ଭାବେ ପହଂଚି ପାରୁଥିବା ବେଳେ ଖଣି ବିଭାଗ, ପୁଲିସ ଓ ତହସିଲଦାର କିପରି ଜାଣିପାରୁ ନାହାନ୍ତି ବୋଲି ଜିଲ୍ଲାପାଳ, ଏସପିଙ୍କୁ ପ୍ରଶ୍ନ ପଚାରିଛନ୍ତି । ଏପରି ବେଆଇନ କାର୍ଯ୍ୟ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ମାନବ ଅଧିକାର ପକ୍ଷରୁ ସାଇକେଲ ମାରାଥନ

ବାଲେଶ୍ୱର(ନି.ପ୍ର.)ମାନବ ଅଧିକାର ସୁରକ୍ଷା ସଂସଦ (ମାସ୍) ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରୁ ଏକ ସାଇକେଲ ମାରାଥନର ଶୁଭାରମ୍ଭ ହୋଇଛି । ପରିବେଶ ସୁରକ୍ଷା ଏବଂ ସୁସ୍ଥ ଶରୀରର ବାର୍ତା ନେଇ ଆୟୋଜିତ ଏହି ସାଇକେଲ ରାଲି ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତା ପରିକ୍ରମା କରିଥିଲା । ସଂସଦର ସଦସ୍ୟମାନେ ସହରବାସୀଙ୍କୁ ସାଇକେଲ ଚାଳନାର ମହତ୍ୱ ବୁଝାଇବା ସହ ଏହାକୁ ଦୈନନ୍ଦିନ ଜୀବନରେ ଆପଣାଇବାକୁ ଅନୁରୋଧ କରିଛନ୍ତି । ଦେଶରେ ଦିନକୁ ଦିନ ବଢ଼ୁଥିବା ତୈଳ ଦର ଏବଂ ଜୀବନଶୈଳୀ ଜନିତ ଶାରୀରିକ ଅସୁସ୍ଥତାକୁ ଦୂର କରିବାରେ ସାଇକେଲ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି 'ମାସ୍' ର ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି ।କେବଳ ସାଇକେଲ ଚାଳନା ନୁହେଁ, ବରଂ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଛି । 'ଝବଚ ଘକ୍ଟ ଞ୍ଜକ୍ଟ ଚକ୍ଷବଟ୍ଟଶ୍ବସମ' ବା ପ୍ଲାଷ୍ଟିକକୁ ବ୍ୟାନ କରିବା ପାଇଁ ନାରା ଦେଇ ସଂସଦ ପକ୍ଷରୁ ସାଧାରଣ ଲୋକଙ୍କୁ କପଡ଼ାରେ ତିଆରି ବ୍ୟାଗ୍ ବଂଟନ କରାଯାଇଛି । ପଲିଥିନ୍ ବଦଳରେ କପଡ଼ା ବ୍ୟାଗ୍ ବ୍ୟବହାର କରି ପରିବେଶକୁ ସୁରକ୍ଷିତ ରଖିବାକୁ 'ମାସ୍' ପକ୍ଷରୁ ସହରବାସୀଙ୍କୁ ନିବେଦନ କରାଯାଇଛି ।

# ମୁନ୍ କମ୍ୟୁନିକେସନ ପକ୍ଷରୁ ପାଳିତ ହେଲା ବିଶ୍ୱ ସାଇକେଲ ଦିବସ

ବାଲେଶ୍ୱର, (ନି.ପ୍ର.): ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ ମେରା ଯୁବା ଭାରତ୍, ବାଲେଶ୍ୱର ଓ ସାମାଜିକ ସଂଗଠନ 'ମୁନ୍ କମ୍ୟୁନିକେସନ୍' ର ମିଳିତ ସହଯୋଗରେ ବିଶ୍ୱ ସାଇକେଲ ଦିବସ ତପସ୍ୱୀ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ସୁଶାନ୍ତ କୁମାର ନାୟକ ଯୋଗ ଦେଇ ସ୍ୱାସ୍ଥ୍ୟ ଓ ଦେଶର ବିକାଶ ସହ ଜୀବସ୍ମ ଇନ୍ଧନ ବୃଦ୍ଧି ପାଇଁ ସାଇକେଲ ଚାଳନା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସାମାଜିକ କର୍ମୀ ଶ୍ରୀ ଶ୍ୟାମ ସୁନ୍ଦର ମଲ୍ଲିକ ଯୋଗ ଦେଇ ପରିବେଶ ପାଇଁ ସାଇକେଲ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ କ୍ଷ ଅନ୍ୟତମ ଅତିଥି ଭାବେ ଶ୍ରୀ ପ୍ରଶାନ୍ତ କୁମାର ଦାସ ଆମର ଅର୍ଥନୀତି ପାଇଁ ତୈଳ ଆମଦାନୀ ହ୍ରାସ ସହ ଜଳବାୟୁ ପାଇଁ ସାଇକେଲ ଚଳାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ କ୍ଷ 'ମୁନ'ର ସମ୍ପାଦକ ଶ୍ରୀ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଓ ସୁଶ୍ରୀ



ପଙ୍କଜିନୀ ଦାସଙ୍କ ସହଯୋଗରେ ଏକ ମହିଳା ସାଇକେଲ ରାଲି 'ଏକ ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା'ର ବାର୍ତା ନେଇ ରଣସାହି, ହିଡିଗାଁ ଗ୍ରାମପଂଚାୟତ ପରିକ୍ରମା କରି ସବୁଜ ପରିବେଶ ପାଇଁ ଶପଥ ପାଠ ସହ ବୃକ୍ଷରୋପଣ କରାଯାଇଥିଲା ।କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀମତୀ ମଲ୍ଲିକ, ମମତା ଦାସ ସୁଲୋଚନା ମଲ୍ଲିକ, ପୁଷ୍ପିତା ମଲ୍ଲିକ, ସୌମ୍ୟ ଶୋଭନା ନାୟକ, ନନ୍ଦିନୀ ମଲ୍ଲିକ, ଶ୍ରଦ୍ଧା ଦାସ, ସୁସ୍ମିତା ସିଂହ,ନିରୁପମା ବେହେରା, ସ୍ମୃତିରେଖା ମଲ୍ଲିକ, ପ୍ରମିଳା ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଅଧା ବିବାହରୁ ବେଦି ଛାଡ଼ିଲା ବର

ବାଲେଶ୍ୱର,(ନି.ପ୍ର.): ନାଲି ଶାଢ଼ୀ ପିନ୍ଧି କନିଆଁ ବାହାଘର ପାଇଁ ସଜେଇ ହୋଇଥିଲେ । ବର ବି ବାହା ହେବା ପାଇଁ ହାତରେ ନଡ଼ିଆ, ଖିଲିକାତି ଧରି ମନ୍ଦିରରେ ପହଂଚିଥିଲେ । ବିବାହ ମଧ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଅଧା ବାହାଘର ସମୟରେ କୌଣସି କାରଣରୁ ବରର ମନ ପରିବର୍ତନ ହୋଇଯାଇଥିଲା । ବାହା ବେଦି,କନିଆଁକୁ ଛାଡ଼ି ନିଜ ଘର ଲୋକଙ୍କ କଥାରେ ପଡ଼ି ଚାଲିଯାଇଥିଲେ ବର । ଏଭଳି ଅଭାବନୀୟ ଘଟଣା ବାଲେଶ୍ୱର ସହରସ୍ଥ ସହଦେବଖୁଂଟା ଥାନା ଅନ୍ତର୍ଗତ ରାଧାକୃଷ୍ଣ ମନ୍ଦିରରେ ଘଟିଛି ।

ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଂଚଳର ଲାବଣ୍ୟସ୍ମିତା ମହାନ୍ତ ଏବଂ କ୍ଷୀରୋଦ ମହାନ୍ତଙ୍କ ମଧ୍ୟରେ ୩ ବର୍ଷ ପୂର୍ବରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ୩ ମାସ ହେବ ଉଭୟ ପ୍ରେମୀ ଯୁଗଳ ଘର ଛାଡ଼ି ବାଲେଶ୍ୱର ସହର ଆସି ଏକ ଭଡ଼ାଘରେ ରହୁଥିଲେ । ବୁଧବାର ଉଭୟଙ୍କ ସହମତିରେ ରେଜିଷ୍ଟ୍ରି ବିବାହ ହୋଇଥିବା ବେଳେ ବିଧି ଅନୁସାରେ ମନ୍ଦିରରେ ବିବାହ ଚାଲିଥିଲା । ଏହି ସମୟରେ ବର ପକ୍ଷରୁ କିଛି ବ୍ୟକ୍ତି ମନ୍ଦିରକୁ ପଶି ବରର ମନ ପରିବର୍ତନ କରିବାକୁ ଚେଷ୍ଟା କରିଥିଲେ । ବର ମନକୁ ପରିବର୍ତନ କରିବାରେ ସକ୍ଷମ ହୋଇଥିଲେ । ଏଣୁ ବାହାଘର ସମୟରେ ବର ବିବାହ କରିବାକୁ ମନା କରିଦେଇଥିଲେ । କିନ୍ତୁ କନ୍ୟା ଲାବଣ୍ୟସ୍ମିତା ବିବାହ କରିବାକୁ ଜିଦ୍ ଧରିଥିଲେ । ତେବେ ସହଦେଖଖୁଂଟା ଥାନା ପୁଲିସ ବରକୁ ଅଟକ ରଖି ପଚରାଉଚୁରା କରୁଛି ।




ଝିଅ ଘରୁ ପାଦ କାଢିଲା ପରେ ପୁଣି କେମିତି ଅଧା ବିବାହରୁ ଘରକୁ ନେଇଯିବେ ସେନେଇ ଚିନ୍ତାରେ କନିଆଁଙ୍କ ପରିବାର । ଅନ୍ୟପଟେ ବରଙ୍କ ପରିବାର ପକ୍ଷରୁ ଏହି ବିବାହକୁ ଗ୍ରହଣ କରିବାକୁ ନାରାଜ । ଉଭୟ ପକ୍ଷଙ୍କୁ ଥାନାରେ ରଖି ପୁଲିସ ତଦନ୍ତ ଜାରି ରଖିଛି ।

# ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜରୁରୀକାଳୀନ ପର୍ଯ୍ୟବେକ୍ଷଣ ୱାର୍ଡ଼ରେ ସିଗାରେଟ୍ ପଡ଼ିଥିବା ଘଟଣାକୁ ନେଇ ପ୍ରଶ୍ନ; ସୁରକ୍ଷା ଓ ଶୃଙ୍ଖଳାକୁ ନେଇ ଚିନ୍ତା !

ବାଲେଶ୍ୱର,(ନି.ପ୍ର.) ରିପୋର୍ଟ ହୃତିକ ନାୟକ : ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରଜରୁରୀକାଳୀନ ପର୍ଯ୍ୟବେକ୍ଷଣ ୱାର୍ଡପରିସରରେ ଏକ ସିଗାରେଟ୍ ପଡ଼ିଥିବା ଦେଖିବାକୁ ମିଳିଥିବା ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଓ ପ୍ରଶ୍ନ ସୃଷ୍ଟି କରିଛି । ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଯାତାୟାତ ଲାଗି ରହୁଥିବା ଏହି ସମ୍ବେଦନଶୀଳ ବିଭାଗରେ ସିଗାରେଟ୍ ଭଳି ସାମଗ୍ରୀ ମିଳିବା ହସ୍ପିଟାଲର ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ଜଣେ ବ୍ୟକ୍ତି ଏମରଜେନ୍ସି ୱାର୍ଡ ଭିତରେ ସିଗାରେଟ୍ ପଡ଼ିଥିବା ଦେଖି ଏହା କାହାର ବୋଲି ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀଙ୍କୁ ପଚାରିଥିଲେ । ତେବେ ସମ୍ପୃକ୍ତ କର୍ମଚାରୀ ଏହା କାହାର ତାହା ଜାଣିନଥିବା କହିବା ସହ ଏହା କୌଣସି ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କର ହୋଇପାରେ ବୋଲି ମତ ରଖିଥିଲେ । ତେବେ ପ୍ରଶ୍ନ ଉଠୁଛି, ଯେଉଁ ସ୍ଥାନରେ ପ୍ରତିଦିନ ଶହ ଶହ ରୋଗୀ, ବୃଦ୍ଧ ଓ ଶିଶୁମାନେ ଚିକିତ୍ସା ପାଇଁ ଆସୁଛନ୍ତି, ସେଠାରେ ଧୂମପାନ ସମ୍ବନ୍ଧୀୟ ସାମଗ୍ରୀ କିପରି ପହଂଚିଲା ? ହସ୍ପିଟାଲ ପରିସରରେ ଧୂମପାନ ନିଷିଦ୍ଧ ଥିବା ସତ୍ତ୍ୱେ ଏଭଳି ଘଟଣା ସାମ୍ନାକୁ ଆସିବା ନିୟମ ପାଳନ ଓ ନିରୀକ୍ଷଣ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସାଧାରଣ ଲୋକଙ୍କ ମତରେ, ଏମରଜେନ୍ସି ୱାର୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ଘଟଣା ଘଟିଥିବା ବେଳେ ହସ୍ପିଟାଲର ଅନ୍ୟାନ୍ୟ ସ୍ଥାନର ପରିସ୍ଥିତି କିପରି ରହିଥିବ ତାହା ସହଜରେ ଅନୁମାନ କରାଯାଇପାରେ । ତେଣୁ ହସ୍ପିଟାଲ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ସହ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ କଡ଼ା ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି ହୋଇଛି । ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ପରିଷ୍କାର-




ପରିଚ୍ଛନ୍ନତା, ସୁରକ୍ଷା ଓ ଶୃଙ୍ଖଳା ବଜାୟ ରଖିବା ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ, ଏହି ଘଟଣା ପ୍ରତି ସମ୍ପୃକ୍ତ ବିଭାଗ କିପରି ପଦକ୍ଷେପ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

# ଏକାଧିକ ଦୋକାନରୁ ଚୋରି, ଥାନାରେ ଅଭିଯୋଗ

ସୋର, (ନି.ପ୍ର.)- ସୋର ପୌର ପାଳିକା ଅନ୍ତର୍ଗତ ଉତରେଶ୍ୱର ଠାରେ ଥିବା ପ୍ରାୟ ୫ରୁ ଉର୍ଦ୍ଧ ଦୋକାନରୁ ଚୋରି ହୋଇଛି ।ଏହି ସ୍ଥାନରେ ଥିବା 'ଦ ମୋବାଇଲ ୱାଲଡ' ନାମକ ମୋବାଇଲ ସୋରୁମର ସଟର ତାଡି ତାଲା ଭାଙ୍ଗି ମୋବାଇଲ ସହ ମୋବାଇଲ୍ ସାମଗ୍ରୀ ଚୋରି ହୋଇଛି । ସେହିପରି ରବୀନ୍ଦ୍ର ସାହୁଙ୍କ ଭେରାଇଟ ଷ୍ଟୋର, ବିଜୟ ସାହୁ ଙ୍କ ଫଳ ଦୋକାନ ଏବଂ ପଙ୍କଜ ଖୁଂଟିଆଙ୍କ ପରିବାର ଦୋକାନରୁ ବିଭିନ୍ନ ସାମଗ୍ରୀ ସହ, ପରିବା, ଥଣ୍ଡା ପାନୀୟ, ଦହି, କ୍ଷୀର ଏବଂ ଫଳ ସାମଗ୍ରୀ ଚୋରି ହୋଇଥିବାର ଅଭିଯୋଗ ହୋଇଛି । ନିକଟରେ ଥିବା 'ସୋନା ମୋବାଇଲ' ଦୋକାନରୁ ଚୋର ମାନେ ସଟର ତାଡି ଚୋରି ଉଦ୍ୟମ କରିବା ସହ ଏକ ବାଇକର ଚାବି ଭାଙ୍ଗି ଚୋରି କରିବାକୁ ବିଫଳ ହୋଇଥିଲେ । ଏ ନେଇ 'ଦ ମୋବାଇଲ ୱାର୍ଲଡ'ର ମାଲିକ ସରୋଜ ଭୂୟାଁଙ୍କ ସହ ଅନ୍ୟ ମାନେ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୋର ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରି ଫେରି ଯାଇଛି ?ବାରମ୍ବାର ସୋରରେ କିଛି ମାସ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିଥିବା ବେଳେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏନେଇ ସ୍ଥାନୀୟ ଲୋକେ ବିଳମ୍ବିତ ରାତିରେ ପୋଲିସ୍ ପେଟ୍ରୋଲିଂ ସହ ଚୋରକୁ ଧରିବା ପାଇଁ ଦାବି କରୁଛନ୍ତି ।

# ନୂତନ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ବାଲେଶ୍ୱର ଷ୍ଟେସନର ପଶ୍ଚିମ ପ୍ରବେଶ ପଥ ଦୁଇ ମାସ ପାଇଁ ବନ୍ଦ ରହିବ

ବାଲେଶ୍ୱର(ନି.ପ୍ର.): ଯାତ୍ରୀ ସୁବିଧା, ସୁରକ୍ଷା ଏବଂ ଷ୍ଟେସନ ସଂଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନରେ ନୂତନ ଫୁଟ୍ ଓଭର ବ୍ରିଜ୍ (ଏଫ୍ ?ଓବି) ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହି କ୍ରମରେ ଷ୍ଟେସନର ପଶ୍ଚିମ ପାର୍ଶ୍ୱରେ (ଭଦ୍ରକ ଆଡକୁ) ନୂତନ ଫୁଟ୍ ଓଭର ବ୍ରିଜ୍ ?ର ଲଂଚିଂ କାର୍ଯ୍ୟ ଆସନ୍ତା ୧୪ ଜୁନରୁ ଆରମ୍ଭ ହେବାର ସମ୍ଭାବନା ରହିଛି । ଏହି କାର୍ଯ୍ୟ ଚାଲୁ ରହିବା ସମୟରେ ସୁରକ୍ଷାଜନିତ କାରଣରୁ ବାଲେଶ୍ୱର ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ (ପଶ୍ଚିମ ପାର୍ଶ୍ୱ) ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ କିମ୍ବା ନୂତନ ଫୁଟ୍ ଓଭର ବ୍ରିଜ୍ ଚାଲୁ ହେବା ପର୍ଯ୍ୟନ୍ତ ଯାତ୍ରୀଙ୍କ ପାଇଁ ବନ୍ଦ ରହିବ । ଏହି ସମୟ ମଧ୍ୟରେ ପଶ୍ଚିମ ପ୍ରବେଶ ପଥ ଦେଇ ଯାତ୍ରୀମାନଙ୍କର ଆସିବା ଓ ଯିବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ରହିବ । ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଦ୍ୱିତୀୟ ପ୍ରବେଶ ପଥରେ ଥିବା ଅଣସଂରକ୍ଷିତ ଟିକେଟ୍ (ୟୁଟିଏସ୍) ବୁକିଂ କାଉଂଟର ଏହି ଅବଧିରେ ବନ୍ଦ ରହିବ । ତେବେ ସେଠାରେ ଥିବା ସଂରକ୍ଷିତ ଟିକେଟ୍ (ପିଆରଏସ୍) କାଉଂଟର ପୂର୍ବବତ୍ କାର୍ଯ୍ୟକ୍ଷମ ରହିବ ଏବଂ ଯାତ୍ରୀମାନେ ଏହାର ସୁବିଧା ପାଇପାରିବେ ।ଏହି ସମୟ ମଧ୍ୟରେ ଯାତ୍ରୀମାନଙ୍କୁ ଷ୍ଟେସନ ପରିସର, ପ୍ଲାଟଫର୍ମ ଓ ଅନ୍ୟାନ୍ୟ ରେଳ ସେବାର ସୁବିଧା ନେବା ପାଇଁ ମୁଖ୍ୟ ପ୍ରବେଶ ପଥ ବ୍ୟବହାର କରିବାକୁ ରେଳବାଇ ପକ୍ଷରୁ ଅନୁରୋଧ କରାଯାଇଛି ।ଖଡ଼ଗପୁର ରେଳ ମଣ୍ଡଳ ପକ୍ଷରୁ କୁହାଯାଇଛି ଯେ, ଯାତ୍ରୀ ସୁରକ୍ଷା ଓ ଉନ୍ନତ ଭିତିଭୂମି ସୃଷ୍ଟିର ବୃହତର ସ୍ୱାର୍ଥରେ ଏହି କାର୍ଯ୍ୟ ହାତକୁ ନିଆଯାଇଛି । ଅସ୍ଥାୟୀ ଅସୁବିଧା ପାଇଁ ଦୁଃଖ ପ୍ରକାଶ କରାଯାଇଥିବା ବେଳେ ଯାତ୍ରୀ ଓ ସାଧାରଣ ଲୋକଙ୍କ ସହଯୋଗ ଓ ବୁଝାମଣା କାମନା କରାଯାଇଛି ।





## ‘ବିଧାୟକ ମେଧା ସମ୍ମାନ-୨୦୨୬’ ପ୍ରଦାନ: ଶିକ୍ଷାର ବିକାଶ ପାଇଁ ଗୋଷ୍ଠୀଗତ ଭାଗିଦାରୀ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ



ଧାମନଗର(ନିପ୍ର): ଧାମନଗର ମହାବିଦ୍ୟାଳୟ ସମ୍ମିଳନୀ ଗୃହରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ହାତ ପାଣ୍ଠି ଅନୁଦାନରେ ପ୍ରଥମ ଥର ପାଇଁ ଏକ ଅଭିନବ ପ୍ରୟାସ ସ୍ୱରୂପ ‘ବିଧାୟକ ମେଧା ସମ୍ମାନ-୨୦୨୬’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକମାନଙ୍କ ସହଯୋଗ ଓ ବଳିଷ୍ଠ ନେତୃତ୍ୱ ଯୋଗୁଁ ମାତ୍ର ୬ ମାସ ମଧ୍ୟରେ ଅଂଚଳର ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତନ ଦେଖିବାକୁ ମିଳିଛି । ଶିକ୍ଷାର ଉତରୋତର ବିକାଶ ଲାଗି ମନ୍ତ୍ରୀ ଏହି ଅବସରରେ ଗୋଷ୍ଠୀଗତ ଭାଗିଦାରୀକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଛନ୍ତି । ଏଥିସହ ଆଗାମୀ ଦିନରେ ସ୍କୁଲ କ୍ୟାମ୍ପସ ଗୁଡ଼ିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି । ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମୋଟ ୧୩ ଜଣ ଇ୧ ଗ୍ରେଡ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି । ଏଥିସହିତ ଦେଶବନ୍ଧୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁରଭି ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ସୌମ୍ୟରଞ୍ଜନ ସାମଲ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ର ତିହିଡ଼ି ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଚନ୍ଦନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ମହତାବ ନଗର ସ୍ଥିତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ ‘ବେଷ୍ଟ ପରଫର୍ମିଂ ସ୍କୁଲ’ ବା ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛି । ନିଜ ବିଦ୍ୟାଳୟରୁ ସର୍ବାଧିକ ଛାତ୍ରଛାତ୍ରୀ ଇ୧ ଗ୍ରେଡ୍ ହାସଲ କରି ସୁନାମ ଆଣିଥିବାରୁ ଶହୀଦନଗର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରିୟତମା ପାଣିଗ୍ରାହୀ ଏବଂ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗୁପ୍ତେଶ୍ୱର ସିଂହଙ୍କୁ ୧୦ ହଜାର ଟଙ୍କାର ସମ୍ମାନଜନକ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ, ବିଦ୍ୟାଳୟରେ ଡ୍ରପ୍ ?ଆଉଟ୍ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ପାଇଁ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏହାର ଅଧକ୍ଷ ଶ୍ରୀଯୁକ୍ତ ଖଗେଶ୍ୱର ଜେନାଙ୍କୁ ‘ଡ୍ରପ୍ ଆଉଟ୍ ରିଡକ୍ସନ୍ ଆୱାର୍ଡ’ ପ୍ରଦାନ କରାଯାଇଛି । ସମ୍ମାନ ପ୍ରଦାନ ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ଶିକ୍ଷା ଅଧୀକାରୀ ଜଗବନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଆଲୋକପାତ କରିଥିଲେ । ଏଥିସହ ପ୍ରତିଷ୍ଠିତ ଶିକ୍ଷାବିତ୍ ରଘୁନାଥ ପଣ୍ଡା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କୃତୀ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବ୍ଲକ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଧାମନଗରର ଏହି ଅଭିନବ ଶିକ୍ଷା କ୍ରାନ୍ତି ଆଗାମୀ ଦିନରେ ସମଗ୍ର ରାଜ୍ୟ ପାଇଁ ଏକ ମଡେଲ ସାଜିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି ।

## ମାଧବାନନ୍ଦ ଦାସଙ୍କ ୧୦୪ତମ ଜୟନ୍ତୀ ଉତ୍ସବ ପାଳିତ



କଟକ(ନିପ୍ର): ବଙ୍ଗାଳୀ ସାହିସ୍ଥିତ ମା ଶାରଳା ସଦନଠାରେ ବନ୍ଦେ ଉତ୍କଳ ଆନୁକୂଲ୍ୟରେ ଓଡ଼ିଶାର ବିଶିଷ୍ଟ ଆଇନଜିବୀ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନର ପ୍ରାକ୍ତନ ସଭାପତି ଏବଂ କଟକ ସିଟି କଲେଜର ପ୍ରତିଷ୍ଠାତା ମାଧବାନନ୍ଦ ଦାସଙ୍କ ୧୦୪ତମ ଜୟନ୍ତୀ ଉତ୍ସବ ପାଳିତ ଏବଂ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି । ବନ୍ଦେ ଉତ୍କଳ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆଗେଇ ଯାଇଥିବାବେଳେ ମୁଖ୍ୟ ଅତିଥି ଭାବରେ ଜଷ୍ଟିସ ମଦନ ମୋହନ ଦାସ ଯୋଗଦେଇ ସଭାର ଶୋଭା ବର୍ଦ୍ଧନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସମ୍ପାଦକ ବ୍ରହ୍ମାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା ଭାବରେ ପ୍ରଫେସର ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ବିଜେପି ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ମାଧବାନନ୍ଦ ଦାସଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ରିମିନାଲ ବାର ଆସୋସିଏସନର ସଭାପତି ଶ୍ରୀ ବାଦଲ ଚନ୍ଦ୍ର ରାୟଙ୍କୁ ମାଧବାନନ୍ଦ ଦାସଙ୍କ ସମ୍ମାନ - ୨୦୨୬ ପ୍ରଦାନ କରାଯାଇଥିଲା ।

## ଭାଗବତ ଟୁଙ୍ଗି ନିର୍ମାଣକୁ କେନ୍ଦ୍ରକରି ମହାଭାରତ




ଯାଜପୁର(ନିପ୍ର): ଆଗକୁ ଆସୁଛି ପଂଚାୟତ ନିର୍ବାଚନ । ଏହା ପୂର୍ବରୁ ପ୍ରକଳ୍ପ ସ୍ଥାନ ନିରୂପଣକୁ କେନ୍ଦ୍ର କରି ବୋମା ମାଡ ଘଟି ଗ୍ରାମାଂଚଳ ରେ ଅଶାନ୍ତର ବାତାବରଣ ଦେଖା ଦେଲାଣି ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଂଚାୟତ ବୁଲାକିପୁର ଗାଁର ଭାଗବତ ଟୁଙ୍ଗି ନିର୍ମାଣକୁ କେନ୍ଦ୍ରକରି ଗତକାଲି ବୋମା ମାଡ ହୋଇଛି । ବୋମା ମାଡ଼ ଯୋଗୁଁ ଉଭୟ ଗୋଷ୍ଠୀର ୧୦ ଜଣ ଆହତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି । ସେପଟେ ସ୍ଥାନୀୟ ଅଂଚଳ ରେ ଚାପା ଉତେଜନା ଲାଗି ରହିଥିବା ବେଳେ ଆଇନ ଶୃଙ୍ଖଳା କୁ ଦୃଷ୍ଟି ରେ ରଖି ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି । ପ୍ରକଳ୍ପ ସ୍ଥାନ ନିରୂପଣକୁ କେନ୍ଦ୍ର କରି ଅଶାନ୍ତ ଗାଁ ପରିବେଶ । ରାଜନୈତିକ ଶତ୍ରୁତା ଯୋଗୁଁ ହେଲା ବୋମାମାଡ । ବୋମାମାଡ ରେ ଆହତ ମାନେ ଡାକ୍ତରଖାନା ରେ ଭର୍ତି । ସ୍ଥାନୀୟ ଅଂଚଳ ରେ ଭୟର ବାତାବରଣ । ଯାଜପୁର ସଦର ଥାନା ସିମିଳିଆ ପଂଚାୟତ ବୁଲାକିପୂର ଗାଁ ରେ ଏଭଳି ଅଭାବନୀୟ ଘଟଣା ଆଲୋଡନ ସୃଷ୍ଟି କରିଛି । ପ୍ରଥମେ ଭାଗବତ ଟୁଙ୍ଗି ପ୍ରକଳ୍ପ ସ୍ଥାନ କୁ ନେଇ ଗାଁ ର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଓ ପରେ ଠିକାଦାରି କୁ ନେଇ ବିବାଦ ଦେଖାଦେଇ ଗତକାଲି ରାତିରେ ଏଭଳି ବୋମା ମାଡ଼ ହୋଇଥିବା ଜଣାପଡିଛି । ଗାଁ ର ଗୋଟିଏ ଗୋଷ୍ଠୀ ତରବରିଆ ଭାବେ ରାତି ଅଧିଆ ପ୍ରକଳ୍ପ ପାଇଁ ଗାତ ଖୋଲୁଥିବା ବେଳେ ବିପକ୍ଷ ଗୋଷ୍ଠୀ ବିରୋଧ କରିବାରୁ ପ୍ରଥମେ ବିଭିନ୍ନ ମରଣାସ୍ତ୍ରରେ ଆକ୍ରମଣ ସହ ବୋମା ମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ରାତି ସମୟର ଗଣ୍ଡଗୋଳ ଘଟଣା ଓ ବୋମା ମାଡ଼ ର ଭିଜୁଆଲ ସୋସିଆଲ ମିଡ଼ିଆ ରେ ଭାଇରାଲ ହୋଇଛି । ବୋମାମାଡରେ ଆହତ ମାନଙ୍କୁ ବିଭିନ୍ନ ଡାକ୍ତର ଖାନା ରେ ଭର୍ତି କରାଯାଇ ଚିକିତ୍ସା ଚାଲିଛି । ସେପଟେ ପୋଲିସ ପହଂଚି ଘଟଣା ର ଯାଂଚ ଆରମ୍ଭ କରିଛି । ଉଭୟ ଗୋଷ୍ଠୀ ପକ୍ଷରୁ ହୋଇଥିବା ଅଭିଯୋଗ ର ଦୁଇଟି ପୃଥକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୋଗକୁ ଭିତି କରି ବିଭିନ୍ନ ସ୍ଥାନ ରେ ପୋଲିସ ଚଢ଼ାଉ କରି କିଛି ବ୍ୟକ୍ତିଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝି ସୂଚନା ଦେଇଛନ୍ତି ।

## ଥାନାରେ ରାତି ଅଧିଆ ବାଲି, ପଥର ନିଲାମ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଥାନାରେ ବର୍ଷ ବର୍ଷ ଧରି ଜବତ ହୋଇ ପଡିରହିଥିବା ବାଲି ପଥର ଓ ମାଙ୍କଡା ନିକଟରେ କୋର୍ଟ ନିର୍ଦ୍ଦେଶରେ ନିଲାମ କରାଯାଇଛି । ହେଲେ ଏହି ନିଲାମ ସରକାରୀ ଗାଇଡଲାଇନକୁ ଉଲ୍ଲଘଂନ କରି କରାଯାଇଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇଛନ୍ତି । ସର୍ବସାଧାରଣରେ ଠିକ ଢଙ୍ଗରେ ନୋଟିସ କରି କରାଯାଇନଥିବାରୁ ଏବେ ସାଧାରଣରେ ଖଣି ଓ ପୋଲିସ ର କାର୍ଯ୍ୟ ସନ୍ଦେହ ସୃଷ୍ଟି କରିଛି । ଗତ ୫ବର୍ଷ ଧରି ଖଣି,ତହସିଲ ଓ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ଜବତ ହୋଇଥିବା ବାଲି ପଥର ଖଇରା ଥାନା ପରିସରରେ ଗଛିତ କରାଯାଇଥିଲା । ଏବେ କୋର୍ଟ ନିର୍ଦ୍ଦେଶ ପରେ ୬ଦିନ ତଳେ ଗଛିତ ଏହି ଲଘୁଖଣିଜ ଦ୍ରବ୍ୟ ନିଲାମ କରାଯାଇଛି । ବଜାର ମୂଲ୍ୟ ଆନୁମାନିକ ୮ଲକ୍ଷ ହୋଇଥିବା ବେଳେ ୪୦ହଜାର ଟଙ୍କାରେ ସମସ୍ତ ମାଲ ଖଲାସ କରି ଦିଆଯାଇଛି । ସେଦିନ ଯେଉଁମାନେ ନିଲମରେ ଭାଗ ନେଇଥିଲେ ସେମାନେ ସମସ୍ତେ ଖଣି ବ୍ୟବସାୟି ବା ସେମାନଙ୍କ ସମ୍ପର୍କିୟ । ଏଣୁ କାଗଜପତ୍ରରେ ନିଲାମ ପ୍ରକ୍ରିୟା ଦେଖାଇ ୪୦ହଜାରର ସର୍ବାଧିକ ନିଲାମ ମୂଲ୍ୟ ବୋଲି ଦର୍ଶାଯାଇଛି । ଏହି ନିଲାମପ୍ରକ୍ରିୟା ବିରୋଧରେ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରାଙ୍କୁ ଯୋଗାଯୋଗ କରିବାରେ ଗାଇଡଲାଇନ ଅନୁଯାୟୀ ନିଲାମ ପ୍ରକ୍ରିୟା ଶେଷ ହୋଇଛି । ସର୍ବାଧିକ ରେଟ ଡାକିଥିବା ବ୍ୟକ୍ତିଙ୍କୁ ଏହି ସାମଗ୍ରୀ ଦିଆଯାଇଛି ବୋଲି କହିଛନ୍ତି । କିଛି ଖଣିବ୍ୟବସାୟୀ ଓ ଅଧିକାରୀଙ୍କ ମିଳିତ ସଲାସୁତରାରେ ଏହି ବେଆଇନ କାର୍ଯ୍ୟ କରାଯାଇ ଥିବା ଅଭିଯୋଗ କରାଯାଇଛି ।

## ରାଜ୍ୟସ୍ତରୀୟ ଅଖଣ୍ଡ ଭକ୍ତ ସମ୍ମିଳନୀ ଅନୁଷ୍ଠିତ

ଜଳେଶ୍ୱର(ନିପ୍ର): ଶ୍ରୀଶ୍ରୀ ସ୍ୱାମୀ ସ୍ୱରୂପା ନନ୍ଦ ପରମ ହଂସ ଦେବଙ୍କ ଦ୍ୱାରା ପ୍ରବର୍ତିତ ହରି ଓମ୍ ଧର୍ମର ରାଜ୍ୟସ୍ତରୀୟ ଅଖଣ୍ଡ ସମ୍ମିଳନୀ ନଛିମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ରବିବାର, ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଆୟୋଜିତ ଧର୍ମ ସଭାରେ ସ୍ଥାନୀୟ ଅଖଣ୍ଡ ମଣ୍ଡଳୀର ସଭାପତି ଗୋପୀନାଥ ଜେନା ଅଦ୍ଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ହର ଓମ୍ ଧର୍ମ ପ୍ରବଚକ ଭୁବନେଶ୍ୱର ର ଶିବ ପ୍ରସାଦ ପଣ୍ଡା, ସମ୍ମାନୀତ ଅତିଥି ଭାବେ ରାଜ୍ୟ ସଭାପତି ଅନ୍ତୁରାଇର ମଧୁସୁଦନ ଗୋଛାୟତ, ରାଜ୍ୟ ସମ୍ପାଦକ ବାରିପଦାର ଦୀପକ କୁମାର ମାହନ୍ତ, ଗୁରୁ ଭଉଣୀ ମୌସୁମୀ ଜେନା ପ୍ରମୁଖ ମଂଚାସୀନ ହୋଇ ହରି ଓମ୍ ଧର୍ମ ର ପ୍ରଚାର ପ୍ରସାର ଏବଂ ଧର୍ମ ସମ୍ପର୍କରେ ଜାଗୃତା ଆଣିବା ଲକ୍ଷ୍ୟରେ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଖଣ୍ଡ ମଣ୍ଡଳୀର ପ୍ରଣବ ପଣ୍ଡା, ଗଣେଶ ସିଂ, ନିମାଇଁ ସେନାପତି, କେଦାର ଜେନା, ପ୍ରଫୁଲ୍ଲ ଗିରି, ଗୌରୀ ଶଙ୍କର ମହାନ୍ତି ପ୍ରମୁଖ ଶତାଧିକ ଗୁରୁ ଭ୍ରାତା ଓ ଗୁରୁ ଭଗ୍ନୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ୪ ଆହତ, ଦୁଇ ଗୁରୁତର

ବେତନଟୀ(ନିପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ନାଖରା ଛକ ନିକଟରେ ରାତି ପ୍ରାୟ ସାଢ଼େ ୮ଟା ସମୟରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଗୋଟିଏ ମୋଟରସାଇକେଲ୍ ରାସ୍ତାରେ ଚାଲି ଚାଲି ଆସୁଥିବା ଜଣେ ପଥଚାରୀଙ୍କୁ ଧକ୍କା ଦେବା ଫଳରେ ମୋଟ୍ ୪ ଜଣ ଆହତ ହୋଇଛନ୍ତି, ଯେଉଁଥିରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଗାଦେବୀ ନିକଟସ୍ଥ ମଣନାଥପୁର ଗ୍ରାମର ତିନିଜଣ ଯୁବକ ପାଦର ସିଂଙ୍କ ପୁଅ ତରୁଣ ସିଂ (୩୨), କଣିଆ ସିଂଙ୍କ ପୁଅ ଗଣେଶ ସିଂ (୨୫), ଶଙ୍କରୁ ସିଂଙ୍କ ପୁଅ ଆକାଶ ସିଂ (୨୫) ଗୋଟିଏ ମୋଟରସାଇକେଲ୍‌ରେ ଆସୁଥିବା ସମୟରେ ରାସ୍ତାରେ ଚାଲି ଚାଲି ଆସୁଥିବା ନାଖରା ଗ୍ରାମର ଗଙ୍ଗାଧର ଜେନାଙ୍କ ପୁଅ ଧନେଶ୍ୱର ଜେନା (୩୫)ଙ୍କୁ ଧକ୍କା ଦେଇ ଥିଲା । ଧକ୍କାର ପ୍ରକୋପରେ ଧନେଶ୍ୱର ଏବଂ ମୋଟରସାଇକେଲ୍ ଚାଳକ ତରୁଣ ସିଂ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଯୁବକ ଗଣେଶ ଏବଂ ଆକାଶ ମଧ୍ୟ ଆହତ ହୋଇଛନ୍ତି । ଗୁରୁତର ଆହତଙ୍କୁ ଉଦ୍ଧାର କରି ବାଲେଶ୍ୱର ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ?କୁ ସ୍ଥାନାନ୍ତରିତ କରାଯାଇଛି । ସ୍ଥାନୀୟ ଲୋକେ ଏବଂ ପରିବାର ଲୋକଙ୍କ ଅନୁଯାୟୀ ରାତିରେ ରାସ୍ତାରେ ଆଲୋକ ବ୍ୟବସ୍ଥାର ଅଭାବ, ନିଶାଗ୍ରସ୍ତ ଚାଳକ ଏବଂ ଅଧିକ ବେଗ ହିଁ କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି । ବୈସିଙ୍ଗା ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ସ୍ଥାନୀୟ ଲୋକେ ।

No. 13001/767/2627

**OFFICE OF THE MUNICIPAL COUNCIL, BALASORE**

Tel No. 06782-251265 & Fax No. 06782-251222
E-mail:- balasoremunicipality@rediffmail.com

Notification 4228 /Dt 04.06.26 The details can be downloaded from the official website of Balasore District, http://balasore.odisha.gov.in. -sd- Executive Officer, Balasore Municipality.

Sd/-
Executive Officer,
Balasore Municipality

OIPR. 13001/13154/1/26-27/0008

## ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ (ଏସ୍ ଆଇ ଆର)ସଚେତନତା ଅଭିଯାନ

ନୀଳଗିରି(ନିପ୍ର): ସମଗ୍ର ବାଲେଶ୍ୱର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଚାଲୁ ଥିବାବେଳେ ୪୦- ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିଛି । ଏଥି ପାଇଁ ଆଜି ପୂର୍ବାହ୍ନ ଘ୭ଟୀକା ସମୟରେ ବାବା ପଂଚଲିଙ୍ଗେଶ୍ୱରଙ୍କ ପୀଠରୁ ର୍ନିବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଦ୍ୱାରା ଏକ ଏସ ଆଇ ଆର ସଚେତନତା ଅଭିଯାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସମୟରେ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା, ଆସିଷ୍ଟାଂଟ କଲେକ୍ଟର ରଂଜନ ସେନାପତି, ଡେପୁଟୀ କଲେକ୍ଟର ପ୍ରଦୀପ କୁମାର ଦାସ, ଏନ୍ ଏ ସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ନିର୍ବାଚନ ବିଭାଗୀୟ କର୍ମକର୍ତା ସୁଶାନ୍ତ ସିଂ, ଗୌତମ ହାବୁଡ଼ା, ଧନଞ୍ଜୟ ବେହେରା, ସୁଶ୍ରୀ ଗୀତାରାଣୀ ସିଂ, ପରମେଶ୍ୱର ନାୟକ, ପ୍ରଣବ ନାୟକ, ପ୍ରୀତି ମୋହନ ସିଂ, ଗଣମାଧ୍ୟମର ପ୍ରତିନିଧି, ଛାତ୍ରଛାତ୍ରୀ ସମେତ ଅନ୍ୟାନ୍ୟ ସଧାରଣ ଜନତା ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ । ଏହି ଏସ ଆଇ ଆର୍ ବା ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ପାଇଁ ସଚେତନତା ବାର୍ତା ବହନ ଅଭିଯାନ ରଥର ଶୁଭାରମ୍ଭ କରି ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଶୁଭଶ୍ରୀ ରଥ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ । ରାଜ୍ୟରେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏସ ଆଇ ଆର୍ କାର୍ଯ୍ୟକ୍ରମ ଜାରି ରହିଛି । ଏହି କାର୍ଯ୍ୟକ୍ରମରେ ବିଏଲଓ ମାନେ ଆସନ୍ତା ୨୮ ଜୁନ୍ ପର୍ଯ୍ୟନ୍ତ ଘରକୁ ଘର ବୁଲି ପରିଗଣନା ଫର୍ମ ପୂରଣ କରିବାରେ ସହାୟତା ପ୍ରଦାନ ଓ ମାର୍ଗଦର୍ଶନ କରିବେ । ଆସନ୍ତା ଜୁଲାଇ ୫ ତାରିଖ ଖସଡ଼ା ଭୋଟର ତାଲିକା ପ୍ରକାଶ, ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି, ଆପତି ଅଭିଯୋଗ ଦାଖଲ ସମୟ ସୀମା ଏବଂ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଦାବି ଆପତି ନିଷ୍ପତି ଥିବାବେଳେ ସେପ୍ଟେମ୍ବର ୬ ତାରିଖ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏହି ପ୍ରକ୍ରିୟା ବା ଅଭିଯାନକୁ ସଫଳ କରିବା ପାଇଁ ଉପଜିଲ୍ଲାପାଳ ତଥା ନନିର୍ବାଚନ ପଞ୍ଜିକରଣ ଅଧିକାରୀ ଶ୍ରୀମତୀ ରଥ ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ ଏବଂ ନିର୍ଭୁଲ ବା ଅଦ୍ୟତନ କରିବା ଏସ ଆଇ ଆର -୨୦୨୬ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ସୀମା ଧାର୍ଯ୍ୟ ହୋଇଛି । ତେଣୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଅନୁରୋଧ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିଜ ଭୋଟ ର ତଥ୍ୟ ଯାଂଚ କରିବା ସହ ଆବଶ୍ୟକ ସଂଶୋଧନ କରି ନେବା, ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଅଯୋଗ୍ୟ, ନକଲି ନାମ ଚିହ୍ନଟ କରି ଓ ମୃତ ବ୍ୟକ୍ତିଙ୍କ ନାମ ବାଦ କରିବା ସହ ତ୍ରୁଟି ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଇଛି । ଜନସାଧାରଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି ଏତଦ୍ ଭିନ୍ନ ଇସି ଆଇଏନ୍ଇଟି ଆପ ବ୍ୟବହାର କରିବା ପାଇଁ ଅବଗତ କରାଯାଇଛି ।୪୦- ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମରେ ୨୨୦ ଜଣ ବିଏଲଓ, ୨୨ଜଣ ସୁପର୍ଭାଇଜର, ୪ ଜଣ ଏଇଆରଓ, ଅତିରିକ୍ତ ୨ଜଣ ଏଇଆରଓ ନିୟୋଜିତ ଅଛନ୍ତି ।

No. 10001/225/2627

OFFICE OF THE SUPERINTENDENT
**FAKIR MOHAN MEDICAL COLLEGE & HOSPITAL, BALASORE**
Remuna, Balasore, Pin- 756019 (Odisha)
Email:- supdt.fmmchb@gmail.com

TENDER NOTICE FOR MEDICINE & MEDICAL CONSUMABLES ITEMS OF FMMC & H, BALASORE (2026-27)

Bid Ref. No. 2796 /S/FMMCHB Date: 03/06/2026

FMMC&H, Balasore invites sealed Tender from registered Firm/ Agencies/ Company for **Medicine & Medical Consumables** items for FMMCH, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt. 03/07/2026 up to 5.30PM through Registered post/ speed post/ courier only and the same will be opened on Dt. 04 / 07 / 2026, 11 AM at Office chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website www.baleswar.nic.in/ www.blsmch.nic.in . Authority reserves every right to reject all or any of the Tender without assigns any reason thereof.

Sd/-
Superintendent
FMMCH, Balasore

OIPR. 10001/10134/1/26-27/0002











ଅଧିକାଂଶ ବ୍ୟକ୍ତି ଅନ୍ୟର ପରିବର୍ତ୍ତନ କାମନା କରନ୍ତି, କିନ୍ତୁ ନିଜର ପରିବର୍ତ୍ତନ ସଂପର୍କରେ ଜାଣି ପାରନ୍ତି ନାହିଁ ।

# ଆଜିକାଲି




ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି ।

## ପରିବେଶ ପ୍ରଦୂଷଣର କାରଣ

ଦିନକୁ ଦିନ ପୃଥିବୀର ଜଳବାୟୁ ଅଧିକରୁ ଅଧିକ ଗରମ ହେବାରେ ଲାଗିଛି । ଏହାଫଳରେ ବିଶ୍ୱର ଅନେକ ସ୍ଥାନରେ ମରୁଡ଼ି, ବନ୍ୟା ବିପ୍ରାତ, ଛୋଟ ବଡ଼ ଝଡ଼ ଆଦି ପ୍ରାକୃତିକ ବିପର୍ଯ୍ୟୟ ଅଧିକରୁ ଅଧିକ ଦେଖିବାକୁ ମିଳୁଛି । ଏପରି ଲାଗି ରହିଲେ ଖୁବ୍ ଶୀଘ୍ର ବିଶ୍ୱରେ ଖାଦ୍ୟ ସଙ୍କଟ ଦେଖାଦେବାର ସମ୍ଭାବନା ରହିଛି । ଯାହାଫଳରେ ପୃଥିବୀକୁ ଏହି ଜଳ ଓ ସ୍ଥଳ ଭାଗର ଭାରସାମ୍ୟରେ ଅସୁବିଧା ହେଲାଣି । ଏହାର ସମାଧାନ ବି ଆମ ହାତରେ ରହିଛି । ସମସ୍ତେ ମିଳିମିଶି ଏହାକୁ ପାଳନ କଲେ କିଛିଟା ଆଶ୍ୱସ୍ତି ମିଳିପାରେ । ରୋଷେଇ କଲାବେଳେ କମ୍ ତାପ ବ୍ୟବହାର କରିବା, ଗାଡ଼ି କମ୍ ଚଲାଇବା, ଏଲଇଡି ବତୀ ବ୍ୟବହାର କରିବା, ମାଛମାଂସ କମ୍ ଖାଇବା ଆଦି କାର୍ଯ୍ୟକ୍ରମକୁ ରାଷ୍ଟ୍ରମାନେ ବ୍ୟକ୍ତିସ୍ତରରୁ ସଚେତନ କରେଇବାର ଦାୟିତ୍ୱ ନେଲେ ଏହାର କିଛି ସଫଳ ସମାଧାନର ସୂତ୍ର ମିଳିପାରନ୍ତା । ପ୍ରଚୁର ପରିମାଣରେ ଜଙ୍ଗଲ କଟା ହେବା ଫଳରେ ଏହା ସିଧାସଳଖ ପୃଥିବୀର ବିଶ୍ୱ ତାପନ ପ୍ରକ୍ରିୟା ଉପରେ ପ୍ରଭାବ ପକାଉଛି । ଯେତେବେଳେ ଜଙ୍ଗଲକୁ ଛାଡ଼ି ଆମେ ବଂଚିବା ଅସମ୍ଭବ ସେତେବେଳେ ଆମେ ଜଙ୍ଗଲ ଧ୍ୱଂସ କରିବାରେ ବ୍ୟସ୍ତ । ଖଣି ଖାଦାନ, କାଠର ଆବଶ୍ୟକତା ମେଂଟାଇବାକୁ ଯାଇ ଆମେ ଜଙ୍ଗଲ ଧ୍ୱଂସ କରିବାରେ ଲାଗି ପଡ଼ିଛୁ ଯାହାକି ଏକ ପ୍ରକାର ଆତ୍ମହତ୍ୟା କରିବାର ପ୍ରୟାସ ଠାରୁ କିଛି କମ୍ ନୁହେଁ । ଯଦି ବୃକ୍ଷରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟି କରାନଯାଏ ତେବେ ଆଗାମୀ ୪୦ବର୍ଷ ମଧ୍ୟରେ ବାକି ୫୦ ପ୍ରତିଶତ ମଧ୍ୟ ଶେଷ ହୋଇଯିବ । ବ୍ୟକ୍ତିଗତସ୍ତରରୁ ଆରମ୍ଭ କରି ସରକାରୀସ୍ତର ପର୍ଯ୍ୟନ୍ତ ସମସ୍ତେ ଗଛଟିଏ ଲଗାଇବା ଓ ତାର ଯତ୍ନ ନେବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ନିହାତି ଆବଶ୍ୟକ । ଆଜିର ଏହି ସଙ୍କଟମୟ ସ୍ଥିତିରେ ରାଜନୈତିକ ଇଚ୍ଛାଶକ୍ତି ବୃଦ୍ଧି ଓ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅସାଧୁ କାଠ ବ୍ୟବସାୟୀ ମାନଙ୍କୁ କଠୋର ଦଣ୍ଡ ମିଳିଲେ ଏମିତି ସଙ୍କଟରୁ ଉଦ୍ଧାର ମିଳିପାରେ । ଆପଣ ଯେଉଁଠି ବି ଥାଆନ୍ତୁ, ପ୍ରଦୂଷଣ ଯେ କୌଣସି ପ୍ରକାରେ ଆପଣଙ୍କ ନିକଟରେ ପହଂଚିବାଟା ଧାର୍ଯ୍ୟ । ଆମର ଦୈନନ୍ଦିନ ଜୀବନରେ ଯେବେଠୁ ପ୍ଲାଷ୍ଟିକର ବ୍ୟବହାର ଆରମ୍ଭ ହେଲାଣି ସେବେଠୁ ଏହା ପରିବେଶ ପ୍ରଦୂଷଣର ଏକ ପ୍ରମୁଖ କାରଣ ହୋଇ ଠିଆ ହୋଇଛି । ଆଧୁନିକ ଚଳଣୀରେ ପଲିଥିନ୍ ବା ଜରିର ପ୍ରଚଳନ ସବୁ ପ୍ରଦୂଷଣକୁ ଟପି ଯାଇଛି । ଏହାର ଧୂଆଁ ଓ ମାଟିରେ ମିଶି ନପାରିବାର ଗୁଣବତା ପରିବେଶ ପାଇଁ କାଳ ହୋଇଛି । ଆମେ ବସବାସ କରୁଥିବା ଗ୍ରହ ପୃଥିବୀରେ ବାସ କରୁଥିବା ପ୍ରତିଟି ଜୀବର ପ୍ରକୃତି ପ୍ରତି କିଛି ନା କିଛି ଅବଦାନ ରହିଛି । ଖାଦ୍ୟ ଓ ଖାଦକ ପ୍ରକ୍ରିୟାରେ ଜଣେ ଅନ୍ୟଜଣକ ଉପରେ ନିର୍ଭରଶୀଳ । ଯଦି କୌଣସି କାରଣରୁ ଜଣକର ବଂଶ ଲୋପ ପାଏ, ତେବେ ଅନ୍ୟଟିର ବଂଚିବା ଅସହ୍ୟ ହୋଇପଡ଼େ । ଏହି ପ୍ରକ୍ରିୟାରେ ପ୍ରଜାପତି ଓ ମହୁମାଛିଙ୍କର ସଂଖ୍ୟାରେ ହ୍ରାସ ହେବା ମଣିଷ ସମାଜ ପ୍ରତି ପରିବେଶର ଏକ ସତର୍କ ସୂଚନା । ବିଶ୍ୱ ତାପନ ଯୋଗୁଁ ବରଫ ପାଲଟିଥିବା ସମୁଦ୍ରର ପାଣି ତରଳିବା ଦ୍ୱାରା ସମୁଦ୍ର ପତନ ବୃଦ୍ଧି ପରିବେଶ ପାଇଁ ଯେତିକି ବିପଦ ସାଜିଛି ତାଠାରୁ ଆହୁରି ବିପଦ ଭାବେ ଉଭା ହୋଇଛି ପୃଥିବୀର ସୁମେରୁବୃତ ଅଂଚଳର ବରଫ ତରଳିବା । ଏନ୍.ଆର.ସି.ଡ଼ି. ପକ୍ଷରୁ ଜଣାଯାଇଛି ଯେ ଆଂଟାର୍କଟିକା ଅଂଚଳର ଜଳସ୍ତର ଦୁଇଗୁଣା ବୃଦ୍ଧି ପାଇଛି । ବିଶ୍ୱ ତାପନ ପ୍ରକ୍ରିୟାକୁ ନିୟନ୍ତ୍ରଣରେ ରଖିବା ଏହାର ଏକମାତ୍ର ସମାଧାନର ପନ୍ଥା । ସମୁଦ୍ର ଉପକୂଳବର୍ତୀ ଅଂଚଳମାନଙ୍କରେ ଅନେକ ମୃତ ସାମୁଦ୍ରିକ ଅଂଚଳ ସୃଷ୍ଟି ହୋଇ ଥିବାର ବୈଜ୍ଞାନିକମାନେ ଲକ୍ଷ୍ୟ କରିଛନ୍ତି । ଯେଉଁଠି ଅମ୍ଳଜାନ ସୃଷ୍ଟି ହେବାରେ ବାଧା ଉପୁଜେ ତାହାକୁ ମୃତ ସାମୁଦ୍ରିକ ଅଂଚଳ କୁହାଯାଇଥାଏ । ସମଗ୍ର ବିଶ୍ୱରେ ଏହିପରି ୧୪୬ଟି ମୃତ ସାମୁଦ୍ରିକ ଅଂଚଳ ଠାବ କରାଯାଇଛି । ରାସାୟନିକ ସାରର କମ୍ ପ୍ରୟୋଗ ଫଳରେ ଏହି ଅଂଚଳ ୧୯୯୧ ଓ ୨୦୦୧ ମସିହାରେ ତାର ପୂର୍ବାବସ୍ଥାକୁ ଫେରି ଆସିଥିଲା । ଜନସଂଖ୍ୟା ବୃଦ୍ଧି ବିଶ୍ୱ ପରିବେଶ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ଏବେ ଆମ ପୃଥିବୀରୁ ଜନସଂଖ୍ୟା ସାତ ବିଲିୟନ୍‌ରେ ପହଂଚି ଯାଇଛି । ଏହା ଏତେ ମାତ୍ରାରେ ବଢୁଛି ଯେ ଆଉକିଛି ଦିନ ପରେ କୌଣସି ସମାଜ ବା ନିୟମ ଏହାକୁ ନିୟନ୍ତ୍ରଣରେ ରଖିବା କଷ୍ଟକର ହେବ । ବିଶ୍ୱର ପରିବେଶର ଚିତ୍ର କେତେ ଯେ ବିପଦଜନକ ଓ ସଙ୍କଟମୟ ଏକଥା ଜାଣିଲା ପରେ ଆମ ଦେଶ ଭାରତର ସ୍ଥିତି ଏ ଦିଗରେ ଉତ୍ସାହ ରହିବା ସ୍ୱାଭାବିକ । ବାୟୁ ପ୍ରଦୂଷଣ ଆମ ଦେଶର ଏକ ଗମ୍ଭୀର ବିଷୟ । ରୋଷେଇ ପାଇଁ ବ୍ୟବହୃତ ଜାଳେଣି ବାୟୁ ପ୍ରଦୂଷଣର ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି । ଏହାବାଦ୍ ଶରତ ଋତୁରେ କୃଷି କାର୍ଯ୍ୟ ସରିବା ପରେ ଜମିରେ ଥିବା ନଡ଼ା ବା ଧାନ, ଗହମ ଓ ମକା ଗଛର ଅବଶେଷକୁ ଜାଳିବା ଦ୍ୱାରା ଆମ ଦେଶରେ ପବନ ବେଶି ପ୍ରଦୂଷିତ ହୋଇଥାଏ ବୋଲି ପରିବେଶବିତ୍ ମାନେ ମତବ୍ୟକ୍ତ କରିଥାନ୍ତି । ୧୯୮୧ ମସିହାରେ ଲାଗୁ କରାଯାଇଥିବା ବାୟୁ ପ୍ରଦୂଷଣ ଅଧି ନିୟମ ଫଳରେ କିଛିଟା ସଫଳତା ମିଳିଛି । ତଥାପି ୨୦୨୧ ମସିହା ସୁଦ୍ଧା ବିଶ୍ୱ ବାୟୁପ୍ରଦୂଷଣ କ୍ଷେତ୍ରରେ ବିଶ୍ୱର ୧୮୦ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୪୧ରେ ରହିଛି ।

## ସ୍ୱଚ୍ଛ ପରିବେଶ ଆମ ଦାୟିତ୍ୱ

◆ ରାମଚନ୍ଦ୍ର ବେହେରା

କି ସୁନ୍ଦର ଲାଗେ ନୀଳ ଆକାଶ
ଧରା ବକ୍ଷେ ହସେ ସବୁଜ ଘାସ
କୁଳୁ କୁଳୁ ନାଦେ ବହେ ଝରଣାଟି
ପ୍ରାଣୀ ଉଦ୍ଭିଦଂକ ଦୂରାଏ ଶୋଷ ।
ତରୁଲତା ଶୋହେ ଧରଣୀ କୋଳେ
ଫୁଲ ଫଳ ହସେ ତା' ପତ୍ର ଡାଳେ
ଗ୍ରୀଷମ କାଳରେ ଶୀତଳତା ପାଇଁ
ସଭିଏଁ ବସନ୍ତି ତାହାରି ମୂଳେ ।
ଆଜିକାଲି ଏହି ମଣିଷ ଜାତି
ସ୍ୱାର୍ଥ ପାଇଁ କାଟେ ଜଂଗଲ ନିତି
ସେଥିଲାଗି ଆଉ ମଉସୁମୀ ଧାରା
ଦେଉନାହିଁ ପରିବେଶର ସାଥୀ ।
କଳ କାରଖାନା ବଢୁଛି ଦେଶେ
ତା' ଦୂଷିତ ଧୂଆଁ ନେଇ ନିଶ୍ୱାସେ
ନିରୀହ ଲୋକଂକ ଯାଉଛି ଜୀବନ
ନୀଳ ସବୁଜିମା ଧୂସର ଦିଶେ ।
ଆସରେ ସଭିଏଁ ହୋଇ ଏକତ୍ର
ପରିବେଶ ପାଇଁ ହେବା ଜାଗ୍ରତ
ଖାଲି ଜାଗା ଦେଖି ଗଛ ଲଗାଇବା
ପ୍ରଦୂଷଣ ମୁକ୍ତ ହେବ ଜଗତ ।
ଗଛ ବୃଦ୍ଧି ହେଲେ ପ୍ରକୃତି କୋଳେ
ବାଦଲ ଆସିବ ବରଷା କାଳେ
ନଦୀ ଝରଣାର ଶୀତଳ ସଲିଳ
ଖୁସି ଭରିଦେବ ସଭିଂକ ପ୍ରାଣେ ।
ଆବର୍ଜନା ଯେତେ ଅଛି ଜଗତେ
ସଫା କରି ତାକୁ ପୋତିବା ଗର୍ତ୍ତେ
ସ୍ୱଚ୍ଛ ପରିବେଶ ଆମରି ଦାୟିତ୍ୱ
ଗଢିବା ତାହାକୁ ଜଗତ ହିତେ ।
ବିଶ୍ୱ ପରିବେଶ ଦିବସ ମିତ
ସାରା ରାଇଜରେ ହେବ ପାଳିତ
ଆମ ପରିବେଶ ସ୍ୱଚ୍ଛ ରଖିବାକୁ
ଆସ ଆମେ ସର୍ବେ ନେବା ଶପଥ ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

## ଆସନ୍ତୁ ଗଛଟିଏ ଲଗାଇବା, ପରିବେଶକୁ ସୁରକ୍ଷିତ ରଖିବା

◆ ସୁବାସ କୁମାର ତାରଣିଆଁ

ପିଲାବେଳେ ସ୍କୁଲ୍‌ରେ ପାଠ ପଢିଲା ବେଳେ ଜାଣିବାକୁ ପାଇଥିଲି ଜଣେ ବୁଢାଲୋକ ତାଙ୍କ ବଗିଚାରେ ଗଛଟିଏ ଲଗାଉଥିବାର ଦେଖି ତାଙ୍କର ନାତି ପ୍ରଶ୍ନ କରିଥିଲା, ଜେଜେ ଏ ଗଛ କାହିଁକି ଲାଗାଉଛ ! ଜେଜେଙ୍କର ଉତର ଥିଲା, ଏ ଗଛଟି ଦିନେ ଛୋଟରୁ ବଡ଼ ହେବ, ବଡ଼ ହେଲେ ଫଳ ଫଳିବ, ଛାଇ ଦେବ ଓ ଅମ୍ଳଜାନ ପ୍ରଦାନ କରିବ ଯାହା ନିଶ୍ୱାସ ପ୍ରଶ୍ୱାସ ନେବାରେ ସହାୟକ ହେବ । ନାତିଟି ପୁଣି ପ୍ରଶ୍ନ କରିଥିଲା, ଜେଜେ ବଡ଼ ହୋଇ ଫଳ ଫଳିବା ବେଳକୁ ତ ତମେ ଆଉ ବଂଚି ନଥିବ ? ଜେଜେ ପୁଣି ଉତର ଦେଇଥିଲେ, ମୁଁ ସିନା ବଂଚି ନଥିବି, ହେଲେ ଏ ଗଛର ଫୁଲ ଓ ଫଳକୁ ମୋ ପୁଅ ଓ ନାତିନାତୁଣୀମାନେ ଉପଭୋଗ କରିବେ ! ଏଥର ପିଲାଟି ଜେଜେଙ୍କ ଗଛ ଲଗାଇବାର ରହସ୍ୟ ବୁଝି ପାରିଥିଲା ଏବଂ ଜେଜେଙ୍କୁ ଗଛ ଲଗାଇବାରେ ସାହାଯ୍ୟ କରିଥିଲା । ସେହି ଗଛ ଦିନେ ବଡ଼ ହୋଇ ଫୁଲ ଫଳରେ ପରିପୂର୍ଣ୍ଣ ଦେଖି ଛୋଟରୁ ବଡ଼ ହୋଇଥିବା ଯୁବକଟି ମନେ ମନେ ଖୁସି ହୋଇଥିଲା ଓ ଗଛ ଲଗାଇବାର ମହତ୍ୱ ବୁଝି ପାରିଥିଲା । ସେହିଦିନ ଠାରୁ ସେ ବିଭିନ୍ନ ପ୍ରକାର ଗଛ ଲଗାଇବା ପାଇଁ ଶପଥ ନେଇଥିଲା । ଗଛ ଓ ମଣିଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଆଦିମ କାଳରେ ମଣିଷ ମାନେ ଜଙ୍ଗଲରେ ବସବାସ କରୁଥିଲେ, ଗଛର ଫଳମୂଳ ଖାଇ ତୃଷ୍ଣା ମେଂଟାଉ ଥିଲେ, ଗଛର ବଲ୍‌କଲକୁ ପୋଷାକ ରୂପେ ବ୍ୟବହାର କରୁଥିଲେ । ସେଥିପାଇଁ ଗଛକୁ ମଣିଷର ପରମ ବନ୍ଧୁ ବୋଲି କୁହାଯାଏ । ଗଛ ବିନା ମଣିଷ ତଥା ଜୀବଜଗତ ବଂଚିବା ଅସମ୍ଭବ । ଗଛ ସହିତ ମଣିଷର ସମ୍ପର୍କ କେଉଁ ଯୁଗରୁ ରହିଆସିଛି । ଏହା ମନୁଷ୍ୟ ପାଇଁ ଏକ ଅମୂଲ୍ୟ ସମ୍ପଦ । ଗଛ ଆମକୁ ଫୁଲ ଦେଉଛି, ଫଳ ଦେଉଛି, ଛାଇ ପ୍ରଦାନ କରୁଛି । ଆମ ବାପା, ଅଜା ଅମଳରୁ ଲଗାଯାଇଥିବା ଗଛକୁ ଏବେ ମଧ୍ୟ ଆମେ ଉପଭୋଗ କରୁଛୁ ଓ ଆମ ପର ପୀଢି ମଧ୍ୟ ଉପଭୋଗ କରିଚାଲିବେ । ମୁଁ ମଧ୍ୟ ଗଛ ଉପରେ ଚଢିଛି, ତାର ଫଳ ଖାଇଛି, ଫୁଲ ଆଣିଛି, ତାର ଡ଼ାଳରେ ଖେଳିଛି ଏବଂ ତାକୁ ମଧ୍ୟ ବହୁ ଆଘାତ ଦେଇଛି ।



ଏସବୁ ସତ୍ତ୍ୱେ ସେ କେବେ ବି ମୋତେ ଆପତି ଅଭିଯୋଗ କରିନାହିଁ କି ମୋ ଉପରେ ଅଭିମାନ କରିନି । ପୃଥିବୀରେ ଅନେକ ପ୍ରକାରର ଗଛ ଅଛି ସେଥିମଧ୍ୟରୁ କେତେକ ଦେବଯୋଗ୍ୟ ଗଛ ଓ ଆଉ କେତେକ ଔଷଧୀୟ ଗଛ । ବେଲ, ଅଁଳା, ଅଶ୍ୱ□, ବଉଳ, ବର ଆଦି ଗଛମାନଙ୍କୁ ପୂଜା କରାଯାଉଥିବା ବେଳେ ଅନେକ ପ୍ରକାର ଗଛରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହେଉଛି । ଗଛର ଫୁଲ, ଫଳ ଓ ପତ୍ର ମଧ୍ୟ ବିଭିନ୍ନ ଦେବାଦେବୀଙ୍କୁ ଅର୍ପଣ କରାଯାଇଥାଏ । ନିମ୍ବ ଗଛରୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଦାରୁ ମଧ୍ୟ ତିଆରି ହୋଇଥାଏ । ଆମ ଦେଶ ଭାରତ ହେଉଛି ମୁନିଋଷିମାନଙ୍କ ଦେଶ, ଋଷି ପରମ୍ପରା ଆମର ଧର୍ମ । ଏହି ମୁନିଋଷିମାନେ ମଧ୍ୟ ଗଛ ତଳେ ବସି ଯୋଗ ସାଧନା କରିବା ସହିତ ଗଛର ପତ୍ର, ଫୁଲ, ଫଳ ଓ ଚେରରୁ ବିଭିନ୍ନ ପ୍ରକାର ଆୟୁର୍ବେଦ ଔଷଧ ତଆରି କରିଥାନ୍ତି ଏବଂ ଏହି ଔଷଧକୁ ବ୍ୟବହାର କରି ଲୋକମାନେ ଅନେକ ଦୂରାରୋଗ୍ୟରୁ ମୁକ୍ତି ପାଇଥାନ୍ତି । ଏବେ ବି ଭାରତରେ ବହୁ ଲୋକ ଏହି ଆୟୁର୍ବେଦ ଔଷଧ ବ୍ୟବହାର କରୁଛନ୍ତି । ସେହିପରି ଅନେକ ପଶୁ, ପକ୍ଷୀ ଓ ସରୀସୃପମାନଙ୍କୁ ମଧ୍ୟ ଗଛ ଆଶ୍ରୟ ଦେଇ ବିଭିନ୍ନ ବିପଦ ଆପଦ, ଖରା ଓ ବର୍ଷାରୁ ରକ୍ଷା କରିଥାଏ । ବିଭିନ୍ନ ବୁଲା ବିକାଳୀ, ଠେଲାଗାଡ଼ି ଦୋକାନୀମାନେ ଗଛ ତଳେ ବ୍ୟବସାୟ କରି ନିଜର ଗୁଜୁରାଣ ମେଂଟାଉଥିଲା ବେଳେ ପ୍ରବଳ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ପଥଚାରୀଙ୍କ ସମେତ ବୁଲା ଗୋରୁ ଗାଈ ଓ ପଶୁପକ୍ଷୀମାନେ ମଧ୍ୟ ଗଛର ଛାଇରେ କ୍ଳାନ୍ତି ମେଂଟାଇଥାନ୍ତି । ମାତ୍ର ବୃକ୍ଷ ଛେଦନ ଫଳରେ ଜଙ୍ଗଲ ଆଜି ଧ୍ୱଂସାଭିମୁଖୀ । ପ୍ରତିଦିନ ଶହ ଶହ ବୃକ୍ଷ ବଳି ପଡୁଛନ୍ତି । ଛଅ ଋତୁ ଆଜି ସାତସପନ । ଜୈବ ବିବିଧତା ବି ଧ୍ୱଂସାଭିମୁଖୀ । ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖା ଦେଇଛି ଅନେକ ସମସ୍ୟା । ସୃଷ୍ଟି ହେଉଛି ବିଶ୍ୱତାପନ ଆଉ ବୃଦ୍ଧି ପାଉଛି ପୃଥିବୀର ତାପମାତ୍ରା । ଗ୍ଲୋବାଲ ୱାର୍ମିଂର ପ୍ରଭାବ ମଣିଷର ଜୀବନକୁ ଦୁର୍ବିସହ କରିବାରେ ଲାଗିଛି । ଦେଖାଦେଇଛି ଭୂତଳ ଜଳସ୍ତର ହ୍ରାସ, ବିବ□ମାନ ପରିବେଶ, ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ଜୀବଜଗତକୁ ଠେଲି ଦେଇଛି । ଓଡ଼ିଶାର ବଣ ଜଙ୍ଗଲ ପାଦଦେଶରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦ ଉପରେ ଲୋଲୁପ ଦୃଷ୍ଟି ପକାଇ ବଡ଼ ବଡ଼ ଶିଳ୍ପପତି, ପୁଞ୍ଜିପତି ଓ ମାଫିଆମାନେ ବନାଗ୍ନି ସୃଷ୍ଟି କରି ମୂଲ୍ୟବାନ ଗଛ ନଷ୍ଟ କରନ୍ତି । ଫଳରେ ଜଙ୍ଗଲକୁ ନିଜର ଜୀବନ ଜୀବିକାର ମାଧ୍ୟମ କରିଥିବା ଆଦିବାସମାନେ ନିଜର ଅସ୍ତିତ୍ୱ ହରାଇ ବସିଛନ୍ତି । ଜୀବଜଗତର ସୃଷ୍ଟି ଓ ସ୍ଥିତି ପାଇଁ ବନ ତଥା ବନ୍ୟଜନ୍ତୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରକୃତିକୁ ସୁରକ୍ଷିତ ରଖିଲେ ପ୍ରକୃତି ଆମକୁ ସୁରକ୍ଷା ଦେବ । କଥାରେ ଅଛି ଜଙ୍ଗଲ ମେଁ ମଙ୍ଗଲ । ଅର୍ଥାତ୍ ଜଙ୍ଗଲରେ ମଙ୍ଗଳ ଥାଏ । କିନ୍ତୁ ବୃକ୍ଷ ଛେଦନ କାରଣରୁ ଜଙ୍ଗଲ ପରିସୀମା ଓ ଘନତ୍ୱ ହ୍ରାସ ପାଇବାରେ ଲାଗିଛି । ଏଥିସହିତ ତାଳ ଦେଇ ଜଳବାୟୁ ପରିବର୍ତନ ସହିତ ଜଳାଭାବ ଗୁରୁତର ରୂପ ନେଇଛି । ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସବୁଜିମା ଦିନକୁ ଦିନ କମିବାରେ ଲାଗିଛି । ପ୍ରତିବର୍ଷ ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ଗଛଗୁଡ଼ିକ ତିଷ୍ଠିପାରୁ ନାହିଁ । କେବଳ ନାମକୁ ମାତ୍ର ଜଙ୍ଗଲ ସୃଷ୍ଟି କରାଯାଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । ଜଙ୍ଗଲ ପଦା ହେବା ଫଳରେ ମୂଲ୍ୟବାନ କିସମର ଗଛ ଲୋପ ପାଇ ଯାଉଛି । ଗଷ୍ଟ ନଷ୍ଟ ହେବା ଫଳରେ ଜଳସ୍ତର ହ୍ରାସ ପାଉଛି ଏବଂ ମୃତିକା କ୍ଷୟ ହେଉଛି । ଏହାର ପ୍ରଭାବରେ ବଣ୍ୟପ୍ରାଣୀ ଜନବସତିକୁ ମୁହାଁଉଛନ୍ତି । ଏହି ବନ୍ୟପ୍ରାଣୀମାନେ ଜନବସତିକୁ ମୁହାଁଇ ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି । ଫଳରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି । ବହୁ ପ୍ରଜାତିର ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ଲୋପ ପାଇବାକୁ ଲାଗିଲାଣି । ଜଳାଭାବ ଯୋଗୁ ମାଟି ଶୁଷ୍କ ହୋଇ ଯାଉଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଚାଷରେ ବାଧା ସୃଷ୍ଟି ହେବା ଫଳରେ ଚାଷୀମାନେ ଚାଷକାର୍ଯ୍ୟରେ କ୍ଷତିର ସମ୍ମୁଖୀନ ହୋଇ ଆତ୍ମହତ୍ୟା କରୁଛନ୍ତି । ଫଳରେ ଏହାର ପ୍ରଭାବ ସମାଜ ଉପରେ ପଡୁଛି । ଜଳସ୍ତର ହ୍ରାସ ପାଉଥିବାରୁ ଜଳ ସଙ୍କଟ ଉଗ୍ରରୂପ ଧାରଣ କଲାଣି । ପାନୀୟ ଜଳ ପାଇଁ ଲୋକମାନେ ଡ଼ହଳ ବିକଳ ହେଉଛନ୍ତି । ଏଣୁ ବହୁ ପରିମାଣରେ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରିବା ସହ ତାହାର ଉପଯୁକ୍ତ ସୁରକ୍ଷା ନିଆଯାଇ କିପରି ଜଙ୍ଗଲ ପରିସୀମା ବୃଦ୍ଧି ପାଇବା ସହ ଏହାର ସବୁଜିମା ଓ ଘନତ୍ୱ ଫେରି ପାଇବ ସେଥିପାଇଁ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନେ ଉଦ୍ୟମ ଜାରି ରଖିଛନ୍ତି । ତେବେ ଗଛ ଆମର ଏତେ ଉପକାରରେ ଆସୁଥିଲେ ମଧ୍ୟ କିଛି ଅସାଧୁ ବ୍ୟବସାୟୀଙ୍କ ପ୍ରରୋଚନାରେ ଶହ ଶହ ଗଛ କଟାଚାଲିଛି । ଏହି ବ୍ୟବସାୟୀମାନେ ମୂଲ୍ୟବାନ ଗଛ କାଟି ତାକୁ ଚଢା ଦରରେ ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି । ରାଧେ ରାଧେ, ତମର ଅଧେକୁ ଆମର ଅଧେ ନ୍ୟାୟରେ ଏହି ମଉକାରେ ଫାଇଦା ଉଠାନ୍ତି ବିଭାଗୀୟ ଅଧିକାରୀ ଓ କିଛି ମୁଷ୍ଟିମେୟ ରାଜନେତା । ସେପଟେ ଶିଳ୍ପ ପ୍ରତିଷ୍ଠା ଓ କଳକାରଖାନା ତିଆରି ପାଇଁ ଶହ ଶହ ଜଙ୍ଗଲ ମରୁଭୂମିରେ ପରିଣତ ହେଉଛି । ବଳି ପଡୁଛନ୍ତି ଲକ୍ଷ ଲକ୍ଷ ସଂଖ୍ୟାର ଗଛ । ଏହି କଳ କାରଖାନାର ମାଲିକମାନେ ପ୍ରଶାସନିକ ଅଧିକାରୀଙ୍କ ସହିତ ସଲାସୁତୁରା ହୋଇ ମୋଟା ଅଙ୍କର ଉତ୍କୋଚ ଦେଇ ଗଛ କଟାଯାଇ ସେଠାରେ ବିଭିନ୍ନ ପ୍ରକାର କଳ କାରଖାନା ତିଆରି ହେଉଛି । ଗଛ କାଟିବା ଯୋଗୁ ପରିବେଶ ତ ପ୍ରଦୂଷଣ ହେଉଛି, ଏହି କଳ କାରଖାନା ପ୍ରତିଷ୍ଠା ଫଳରେ ଏହାର ବିଷାକ୍ତ ଧୂଆଁ ବାୟୁ ମଣ୍ଡଳରେ ମିଶୁଥିବା ବେଳେ ଏଥିରୁ ନିର୍ଗତ କେମିକାଲଯୁକ୍ତ ମଇଳା ପାଣି ନଦୀ ଓ ନାଳରେ ମିଶି ବିଷାକ୍ତ ହେବାରେ ଲାଗୁଛି । ଫଳରେ ଏହି ନଦୀ ନାଳର ପାଣିକୁ ବ୍ୟବହାର କରି ମଣିଷ ଓ ପଶୁପକ୍ଷୀମାନେ ମୃତ୍ୟୁବରଣ କରିବା ସହିତ ମାରାତ୍ମକ ରୋଗର ଶିକାର ହେଉଛନ୍ତି । କଳ କାରଖାନାକୁ ଲାଗି ରହିଥିବା ବହୁ ଚାଷ ଉପଯୋଗୀ ଜମିରେ ବିଷାକ୍ତ ଧୂଆଁ ଓ କେମିକାଲ ପାଣି ମାଡୁଥିବାରୁ ଉକ୍ତ ଜମିରେ ଫସଲ ହୋଇପାରୁ ନାହିଁ । ଫଳରେ ଶହ ଶହ ଚାଷୀ ନିଜର ଜୀବିକା ହରାଇ ବସୁଛନ୍ତି । ଏଥି ପ୍ରତି ପ୍ରଶାସନ କିମ୍ବା କଳକାରଖାନାର ମାଲିକ ମାନେ ସଚେତନ ହେଉ ନାହାଁନ୍ତି, ବରଂ ଅଭିଯୋଗ କଲେ ମିଳୁଛି ହତ୍ୟା ଧମକ । ଗୋଟିଏ ପଟେ ପରିବେଶକୁ ସୁରକ୍ଷା ଦେବାକୁ ଯାଇ ବୃକ୍ଷ ରୋପଣ ସହ ଏହାର ସୁରକ୍ଷା ନେବାକୁ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଥିବା ବେଳେ ଅପର ପକ୍ଷରେ ଶିଳ୍ପ ପ୍ରତିଷ୍ଠା ଓ କଳ କାରଖାନା ପ୍ରତିଷ୍ଠା ନାମରେ କଟା ଚାଲିଛି ଲକ୍ଷ ଲକ୍ଷ ସଂଖ୍ୟରେ ଗଛ । ଏସବୁରୁ ବିରତ ରହି ମାନବ ସମାଜ ଓ ଜୀବଜଗତ ମଧ୍ୟରେ ସମନ୍ୱୟ ଭାବ ଜାଗ୍ରତ କରିପାରିଲେ ତାହା ପରିବେଶ ଉପରେ ଅନୁକୂଳ ପ୍ରଭାବ ପକାଇଥାଏ । ଜୀବଜଗତରେ ପ୍ରତିଟି ଜୀବନ ମୂଲ୍ୟବାନ, ସେ ମନୁଷ୍ୟ ହୁଅନ୍ତୁ, ପଶୁ ହୁଅନ୍ତୁ, କୀଟପତଙ୍ଗ ଅବା ବୃକ୍ଷ । ଜୀବଜଗତର ସୃଷ୍ଟି ଓ ସ୍ଥିତି ପାଇଁ ବୃକ୍ଷ ତଥା ବନ୍ୟଜନ୍ତୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାନବ ସମାଜ ପଶୁପକ୍ଷୀ, କୀଟପତଙ୍ଗ ଏବଂ ବୃକ୍ଷ ପ୍ରତି ନିଷ୍ଠୁରତା ନହୋଇ ଦୟାଶୀଳ ହେଲେ ତାହା ସମାଜ, ପରିବେଶ ତଥା ଜୀବଜଗତ ପାଇଁ ଫଳପ୍ରଦ ହୋଇଥାଏ । ତେଣୁ ଆସନ୍ତୁ ବିଶ୍ୱ ପରିବେଶ ଦିବସରେ ଗଛଟିଏ ଲଗାଇବା, ପରିବେଶକୁ ସୁରକ୍ଷିତ ରଖିବା ।

*କଂଟି, ବାହାରଣା, ବାଲିକୁଦା, ଜଗତସିଂହପୁର*

## ସହରରେ ମହିଳା ନିରାପତା



◆ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ଦେଶରେ ମହିଳାଙ୍କ ସୁରକ୍ଷା ପାଇଁ ବହୁ କଠୋର ଆଇନ ରହିଛି । ଘରୋଇ ହିଂସା, ଯୌତୁକ ନିର୍ଯ୍ୟତନା, ହତ୍ୟା, ରାସ୍ତାଘାଟରେ ଅସଦାଚରଣ, ଛିନତାଇ, ବଳାତ୍କାର ଆଦି ଘଟଣାକୁ ମହିଳାଙ୍କ ସୁରକ୍ଷା ପାଇଁ ପୋଲିସ, ପ୍ରଶାସନ ପକ୍ଷରୁ ବହୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିବା ସତ୍ତ୍ୱେ ଦେଶରେ ବହୁ ଗୁରୁତ୍ୱପୂର୍ଣ୍ଣ ସହରରେ ମହିଳା ସୁରକ୍ଷିତ ନୁହଁନ୍ତି । ନିକଟରେ ମହିଳାଙ୍କ ସୁରକ୍ଷା ତଥା ନିରାପତା ସଂକ୍ରାନ୍ତ ଜାତୀୟ ବାର୍ଷିକ ଏବଂ ସୂଚ୍ୟାଙ୍କ -୨୦୨୫ ରିପୋର୍ଟରୁ ଏହା ଜଣାପଡିଛି । ଏହି ରିପୋର୍ଟ ଜାତୀୟ ନିରାପତା ସ୍କୋର ୬୫ପ୍ରତିଶତ ରହିଛି । ଦେଶର ବହୁ ସହର ଏହି ବେଂଚମାର୍କ ତଳେ ଥିବାବେଳେ ବହୁ ସହର ବେଂଚମାର୍କ ଠାରୁ ଉପରେ ଥିବା ରିପୋର୍ଟରୁ ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ, ଦେଶବ୍ୟାପୀ ୩୧ଟି ସହରର ୧୨,୭୭୦ ଜଣ ମହିଳାଙ୍କୁ ଠାରୁ ମହିଳା ନିରାପତା ନେଇ ମତାମତ ନିଆଯାଇଥିଲା । ନ୍ୟାଶନାଲ ଆନୁଆଲ ରିପୋର୍ଟ ଆଣ୍ଡ ଇଣ୍ଡେକ୍ସ (ନାରୀ)-୨୦୨୫ ରିପୋର୍ଟରେ କୁହାଯାଇଛି ଯେ, କୋହିମା, ବିଶାଖାପାଟନମ୍, ଭୁବନେଶ୍ୱର, ଆଇଜଲ, ଗାଙ୍ଗଟକ, ଇଟାନଗର ଏବଂ ମୁମ୍ବାଇ ଆଦି ସହର ମହିଳାଙ୍କ ପାଇଁ ସବୁଠାରୁ ସୁରକ୍ଷିତ । କାରଣ ଏହି ସହରଗୁଡିକରେ ଲିଙ୍ଗଗତ ସମାନତା, ସ୍ୱୟାତଶାସନ ସଂସ୍ଥାରେ ଅଂଶଗ୍ରହଣ, ପୋଲିସ ବ୍ୟବସ୍ଥା ଏବଂ ମହିଳା-ବନ୍ଧୁତ୍ୱ ଭିତିଭୂମି ତେବେ ଖୁସିର ବିଷୟ ଏହା ଯେ, ଏହି ସହରଗୁଡିକରେ ଦେଶର ସବୁଠୁ ଜନବହୁଳ ଓ ବ୍ୟସ୍ତବହୁଳ ଏବଂ ଅର୍ଥନୈତିକ, ବାଣିଜ୍ୟକ ରାଜଧାନୀ ଭାବେ ପରିଣତ ମୁମ୍ବାଇ ସହର ରହିଛି । ସେହିପରି ମହିଳାଙ୍କ ପାଇଁ ସବୁଠୁ ଅସୁରକ୍ଷିତ ସହର ଭାବେ ରିପୋର୍ଟରେ କୋଲକତା, ପାଟନା, ଜୟପୁର, ଫରିଦାବାଦ, ଦିଲ୍ଲୀ, ଶ୍ରୀନଗର ଏବଂ ରାଂଚି ରହିଛି । ଦେଶର ରାଜଧାନୀ ଦିଲ୍ଲୀ, ଯେଉଁ ସହର ଉଭୟ କେନ୍ଦ୍ର ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କ ଅଧିନରେ ରହିଛି, ସେଠାରେ ମହିଳା ଅତ୍ୟନ୍ତ ଅସୁରକ୍ଷିତ ଥିବା ନିଶ୍ଚିତ ଭାବେ ଦୁଃଖଦାୟକ ବୋଲି କୁହାଯାଇପାରିବ । ଜାତୀୟ ରାଜଧାନୀ ମହିଳାଙ୍କ ସୁରକ୍ଷା ଓ ନିରାପତା ପାଇଁ ଉଦାହରଣ ହେବା ଉଚିତ୍ । କିନ୍ତୁ ସହରାଂଚଳ ଭିତିଭୂମିରେ ଦୁର୍ବଳ ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ, ପୁରୁଷ ପ୍ରାଧାନ୍ୟ ପରମ୍ପରା ଓ ତୃଟିପୂର୍ଣ୍ଣ ବ୍ୟବସ୍ଥା ଆଦି ମହିଳା



ଅସୁରକ୍ଷିତର ମୂଳକାରଣ ବୋଲି ରିପୋର୍ଟରେ କୁହାଯାଇଛି । ଏହି ବ୍ୟବସ୍ଥାଗୁଡିକରେ ସୁଧାର, ଉନ୍ନତି ଅଣାଯାଇପାରିଲେ ମହିଳା ସୁରକ୍ଷିତ ହୋଇପାରିବେ ବୋଲି ରିପୋର୍ଟରେ ଆଶା ପ୍ରକଟ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, କେବଳ ଘରେ ନୁହେଁ, ବାହାରେ ମଧ୍ୟ ମହିଳା ଅସୁରକ୍ଷିତ । ବିଶେଷ କରି ସର୍ବସାଧାରଣ ସ୍ଥାନ, ଚିତବିନୋଦନ କେନ୍ଦ୍ର, ପାର୍କ, ବଜାର ଏବଂ ବସ, ଟ୍ରେନ ଆଦି ପରିବହନ ମହିଳା ବିରୋଧି ଅପରାଧ ଘଟଣା ବଢିବାରେ ଲାଗିଛି । ଏପରିକି ଶିକ୍ଷାନୁଷ୍ଠାନ ତଥା ସ୍କୁଲ, କଲେଜ ଏଥିରୁ ବାଦ୍ ନୁହେଁ । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପ୍ରତି ୩ଜଣରେ ଜଣେ ମହିଳା ନିର୍ଯ୍ୟାତନା ସମ୍ପର୍କରେ ଅଭିଯୋଗ କରିଥାନ୍ତି । ଦେଶରେ ପ୍ରତି ମିନିଟରେ ୧୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯ୍ୟାତନା ଘଟୁଥିବାବେଳେ ଲୋକଲଜ୍ୟା, ପାରିପାର୍ଶ୍ୱିକ ଅବସ୍ଥା ଏବଂ ଅସୁରକ୍ଷିତ ଯୋଗୁଁ ବହୁ ଘଟଣା ଲୋକଲୋଚନକୁ ଆସୁନାହିଁ କିମ୍ବା ପିଡିତା ପୋଲିସରେ ଅଭିଯୋଗ କରେ ନାହିଁ । ଏହିଭଳି ଘଟଣା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟରେ ସ୍ଥାନ ପାଏ ନାହିଁ । ଜାତୀୟ ମହିଳା କମିଶନର ଅଧ୍ୟକ୍ଷା କହନ୍ତି ଯେ, ମହିଳାଙ୍କ ନିରାପତାକୁ ଏକ ଆଇନ ଶୃଙ୍ଖଳା ପ୍ରସଙ୍ଗ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଏହା ସେମାନଙ୍କର ଶିକ୍ଷା, କାମ କରିବାର ସ୍ୱାଚ୍ଛନ୍ଦ୍ୟ, ସ୍ୱାଧୀନ ଭାବେ ଯାତାୟତ, ଶାରିରୀକ ଓ ମନସ୍ତାତ୍ୱିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ । କେବଳ ସର୍ବସାଧାରଣ ସ୍ଥାନରେ ମହିଳା ବିରୋଧି ହିଂସା କେବଳ ସୀମିତ ନୁହେଁ । ଉଭୟ ସ୍ଥାନସ୍ଥାନ ଓ ବୈବାହିକ ସ୍ଥାନରେ ମହିଳା ଘରୋଇ ହିଂସା ଏବଂ ମନସ୍ତାତ୍ୱିକ ନିର୍ଯ୍ୟାତନାର ଶିକାର ହେଉଛି । ଯାହା ଅଦୃଶ୍ୟ ଭାବେ ରହିଯାଉଛି । ସେହିପରି କେବଳ ନିରାପତା ଅଭାବରୁ ମହିଳା ବିରୋଧ ହିଂସା ଘଟଣା ଘଟୁନାହିଁ । ଆର୍ଥୀକ ନିର୍ଭରଶୀଳତା, ଦାରିଦ୍ର୍ୟ, ପରିବାରର ନିମ୍ନସ୍ଥିତି, ନିରକ୍ଷରତା, ଅନ୍ୟମାନଙ୍କ କଥା ଓ କାର୍ଯ୍ୟରେ କ୍ରମାଗତ ମର୍ଯ୍ୟାଦାହାନୀ ଆଦି ସର୍ବଦା ମହିଳାଙ୍କ ସମ୍ମାନହାନୀ କରିଥାଏ । ଏହା ଦ୍ୱାରା ମଧ୍ୟ ମହିଳା ନିଜକୁ ଅସୁରକ୍ଷିତ ମଣିଥାଏ । ଏହା ନିସନ୍ଦେହ ଯେ, ସହରାଚଂଳର ଭିତିଭୂମି ଏବଂ ପୋଲିସ ବ୍ୟବସ୍ଥାରେ ପରିବର୍ତନ ନାହିଁ । ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଓ ନ୍ୟାୟାହିଁ କେବଳ ସମାଜ ଉପରେ ନିର୍ଭର କରେ । ଯାହା ମହିଳାଙ୍କୁ ନିରାପଦ ରଖିବା ସହ ସୁରକ୍ଷା ଦେଇପାରିବ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋ-୭୯୭୮୭୬୭୪୦୩*




# ପରିବେଶ ଦିବସ

## ସଂକଟରେ ବୃକ୍ଷରାଜି

◆ ବିପିନ ବିହାରୀ ରାଉତ

ଉତମ ଜଳବାୟୁ ଓ ଅନୁକୂଳ ପରିବେଶ ପ୍ରଭାବରେ ସୃଷ୍ଟି ଆରମ୍ଭରେ ଧରାପୃଷ୍ଠରେ ପ୍ରଥମେ ଜନ୍ମ ନେଇଥିଲା ଉଦ୍ଭିଦ । ତା ପରେ ବଡ଼ ବଡ଼ ଗଛ ଏବଂ ପରେ ପରେ ପଶୁପକ୍ଷୀ ଓ କୀଟପତଙ୍ଗ ଆବିର୍ଭାବ ପୃଥିବୀକୁ ଏକ ଜୀବନ୍ତ ଗ୍ରହର ମାନ୍ୟତା ଦେଇଥିଲା । ହେଲେ ଧୀରେ ଧୀରେ ପୃଥିବୀ ପୃଷ୍ଠର ଜଳବାୟୁ ଓ ପରିବେଶରେ ବିଲକ୍ଷଣ ଦେଖାଦେବାରେ ଲାଗିଛି । ଏହାର ସିଧାସଳଖ ପ୍ରଭାବ ଜୀବଜଗତ ଉପରେ ପଡ଼ିଛି । ପ୍ରତିକୂଳ ପରିବେଶ ଓ ଜଳବାୟୁ ପରିବର୍ତନ କେବଳ ମଣିଷ ବା ଜୀବଜନ୍ତୁ ନୁହେଁ, ଉଦ୍ଭିଦ ଓ ବୃକ୍ଷରାଜିକୁ ପ୍ରଭାବିତ କରିଛି । ଦିନକୁ ଦିନ ଓଡ଼ିଶାର ବିଭିନ୍ନ ଜଙ୍ଗଲରୁ ଖାଲି ହେଉଛି ଜୈବ ସମ୍ପଦ । ଅରଗୁଣା, ପାତାଳ ଗରୁଡ଼ ପରି ବିରଳ ଔଷଧୀୟ ବୃକ୍ଷରାଜି ଧୀରେ ଧୀରେ ଅଦୃଶ୍ୟ ହେବାରେ ଲାଗିଛି । ଏକ ରିପୋର୍ଟ ଅନୁସାରେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ପ୍ରାୟତଃ ୩୨ ପ୍ରକାର ଉଦ୍ଭିଦ ଅତି ସଙ୍କଟଜନକ ସ୍ଥିତିରେ ପହଂଚ୍ ସାରିଲେଣି । ଅନୁରୂପ ଭାବରେ ନିଃଶେଷ ହେବା ପୂର୍ବରୁ ଜିଇଁବା ପାଇଁ ୪୮ ପ୍ରକାର ଉଦ୍ଭିଦ ସଂଘର୍ଷ କରୁଛନ୍ତି । ରାଜ୍ୟ ଜୈବ ବିବିଧତା ବୋର୍ଡ଼ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ ରାଜ୍ୟରେ ସମୁଦାୟ ୫୧୭୪ ଉଦ୍ଭିଦ ମଧ୍ୟରୁ ୧୫୮ ପ୍ରକାର ଉଦ୍ଭିଦଙ୍କ ସ୍ଥିତି ଖରାପ ଅବସ୍ଥାରେ ରହିଛି । ସେଥିମଧ୍ୟରୁ ୩୨ ପ୍ରକାର ଉଦ୍ଭିଦ ଲୋପ ପାଇବାକୁ ବସିଲାଣି । ଲୋଧା, ଅଶୋକ, ଏରିଆ ମେଘାସିନି ଏନସିସ୍, ହାବିନାରିଆ ପାଣିଗ୍ରାହିଆନା, ଟ୍ରି-ଫ୍ରେନ (ଆଲସୋଫିଲ ଜାଇଗାନଂଟିଆ) ତିଳେଇ, ଅରଗୁଣା, ସାଇକସ୍ ନୟାଗଡ଼ ଏନସିସ, ପାତାଳ ଗରୁଡ଼ ଆଦି । ଗଛ ସବୁ ଏବେ ଓଡ଼ିଶା ଜଙ୍ଗଲରେ ଲୁପ୍ତପ୍ରାୟ ଅବସ୍ଥାକୁ ଆସିଗଲେଣି । ସେହିପରି ବିଡ଼ଙ୍ଗ, ବାଇବିଡ଼ଙ୍ଗ ଭଳି ୪୮ ପ୍ରକାର ବୃକ୍ଷଲତା ଏବେ ସଙ୍କଟାପନ୍ନ ଅବସ୍ଥାକୁ ଆସିଗଲେଣି । ପ୍ରାୟତଃ ୪୧ ପ୍ରକାର ଔଷଧୀୟ ଉଦ୍ଭିଦଙ୍କ ସ୍ଥିତି ଏକ ପ୍ରକାର ଅଦୃଶ୍ୟ ହେବାକୁ ବସିଲାଣି । ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଥିବା ଜୈବି ବିବିଧତାର ସୁରକ୍ଷା ଓ ସଂରକ୍ଷଣ ନ ହେବା ପଛରେ ତିନୋଟି କାରଣକୁ ଦାୟୀ କରାଯାଉଛି । ଜୈବ ସମ୍ପଦ ତଥା ଉଦ୍ଭିଦମାନଙ୍କର ପ୍ରକୃତ ତଥ୍ୟ, ସ୍ଥିତି, ଠିକଣା ଓ ସଂଖ୍ୟାର ଆକଳନ ଏ ଯାଏଁ ଠିକ ଭାବେ କରାଯାଇ ପାରିନି । ଦ୍ୱିତୀୟତଃ ଏହି ଜୈବ ସମ୍ପଦକୁ ବ୍ୟବହାର କରୁଥିବା ଲୋକମାନଙ୍କୁ ଚିହ୍ନଟ କରାଯାଇପାରନି ଓ ସେମାନେ ଏସବୁ ଜୈବ ସମ୍ପଦକୁ କେଉଁ କାମରେ ଲଗାଉଛନ୍ତି ତାହାର ତଥ୍ୟ ସଂଗ୍ରହ କରାଯାଇ ପାରିନି । ତୃତୀୟତଃ ସେମାନଙ୍କର ଜ୍ଞାନ ଓ ସେହି ପାରମ୍ପରିକ ଲୋକମାନଙ୍କୁ ସ୍ୱୀକୃତି ନ ମିଳିବା ଯୋଗୁଁ ଜୈବ ବିବିଧତାର ସଂରକ୍ଷଣ କ୍ଷେତ୍ରରେ ବାଧକ ହେଉଛି । ତେଣୁ ବର୍ତମାନ ସମୟରେ ଜୈବ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ପାଇଁ ପାରମ୍ପରିକ ଜ୍ଞାନ କୌଶଳର ବ୍ୟବହାର ସମ୍ପର୍କିତ ତଥ୍ୟ ରହିବା ଦରକାର । ଅନୁରୂପ ଭାବରେ ଜୈବ ସମ୍ପଦର ସଙ୍କଟାପନ୍ନ ଅବସ୍ଥାକୁ ଆଖି ଆଗରେ ରକ୍ ନିକଟରେ ଓଡ଼ିଶା ଜୈବ ବିବିଧତା ବୋର୍ଡ଼ ସ୍ୱତନ୍ତ୍ର ଆକ୍ସନପ୍ଲାନ ପ୍ରସ୍ତୁତ କରିଛି । ଯାହା ଦ୍ୱାରା କି ୭୨୫୬ ଗ୍ରାମପଂଚାୟତରେ ଜୈବ ବିବିଧତା ପରିଚାଳନା କମିଟି ଗଠନ କରାଯାଇଛି । ଆଗାମୀ ଦିନରେ ଏସବୁକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ରଣନୀତି ଆରମ୍ଭ ହୋଇଛି । ଆସନ୍ତା ଦିନରେ ବୋର୍ଡ଼ ସମସ୍ତ ବିଏମସି ସ୍ୱତସ୍ଫୁର୍ତ ଭାବେ ପିବିଆର ପ୍ରସ୍ତୁତି ଓ ପିବିଆର ପରିଚାଳନା ବିଷୟରେ ସ୍ଥାନୀୟ ଲୋକଙ୍କୁ ତାଲିମ ଦେବ । ଲୋକଙ୍କ ସହ ମିଶି ବୋର୍ଡ଼ର ବରିଷ୍ଠ ଅଧିକାରୀମାନେ ଏହି କାମ କରିବେ । ରାଜ୍ୟ ଜୈବ ବିବିଧତା ବୋର୍ଡ଼ ୫ ବର୍ଷିଆ ଆକ୍ସନପ୍ଲାନ ପ୍ରସ୍ତୁତ କରିଛି । ୧୯ଟି ବନ୍ୟପ୍ରାଣୀ ଅଭୟାରଣ୍ୟ, ଗୋଟିଏ ଜାତୀୟ ଉଦ୍ୟାନ, ଗୋଟିଏ ପ୍ରସ୍ତାବିତ ଜାତୀୟ ଉଦ୍ୟାନ, ଦୁଇଟି ବ୍ୟାଘ୍ର ଅଭୟାରଣ୍ୟକୁ ମିଶାଇଲେ ରାଜ୍ୟର ଭୌଗଳିକ ମାନଚିତ୍ରରୁ କେଳବ ୫.୩୭% ଅଂଚଳରେ ଜୈବ ବିବିଧତା ସମ୍ପଦ ସଂରକ୍ଷିତ ରହିଛି । ବାକି ୯୪.୬୩% ଅଂଚଳରେ କୌଣସି ସଂରକ୍ଷଣ ନାହିଁ । ସରକାରୀ ତଥ୍ୟ କହୁଛି, ରାଜ୍ୟରେ ୫୧୭୪ ପ୍ରଜାତିର ଉଦ୍ଭିଦ ରହିଛି । ୭୫୦ ପ୍ରଜାତିର ଔଷଧୀୟ ଉଦ୍ଭିଦ, ୩୦୦ ପ୍ରଜାତିର ଜଙ୍ଗଲୀ ଶସ୍ୟ, ୪୦୦ ପ୍ରଜାତିର ଅର୍ନାମେଂଟାଲ ଗଛ, ୩୦୦ ପ୍ରଜାତିର ଜଙ୍ଗଲୀ ଫଳ ଓ ପନିପରିବା ଗଛ, ମୂଲ୍ୟବାନ କାଠ ଯୋଗାଉଥିବା ୨୦୦ ପ୍ରଜାତିର ଗଛ, ଆର୍ଦ୍ରଭୂମିରେ ବଢୁଥିବା ୩୦୦ ପ୍ରଜାତିର ଗଛ, ଗୁଳ୍ମ ସହ ରାଜ୍ୟରେ ପ୍ରାୟ ୧ ହଜାର କିସମର ଶସ୍ୟ ରହିଛି । ୩୭୨୮ ପ୍ରଜାତିର ପଶୁପକ୍ଷୀ ଓ ଜୀବ ରହିଛନ୍ତି । ଯାହାକୁ ନେଇ ପରବର୍ତୀ ସମୟରେ ଏକ ରାଜ୍ୟସ୍ତରୀୟ ଡାଟାବେସ ପ୍ରସ୍ତୁତ କରାଯିବ । ଯେଉଁଥିରେ ରାଜ୍ୟର ସମସ୍ତ ଜୈବ ସମ୍ପଦ, ଉଦ୍ଭିଦମାନଙ୍କର ତଥ୍ୟ, ସେମାନଙ୍କର ନାମ, ସେମାନଙ୍କର ସ୍ଥିତି ଓ ଲୋକଙ୍କ ଦ୍ୱାରା ସେମାନଙ୍କର ବ୍ୟବହାର ଆଦିର ତଥ୍ୟ ରହିବ । ଆଗକୁ ଯେତେବେଳେ ଜୈବ ସମ୍ପଦର ସ୍ଥିତିକୁ ନେଇ କୌଣସି ପରିବର୍ତନ ଆସିବ ସେତେବେଳେ ଏହାକୁ ଭିତିକରି ଭବିଷ୍ୟତ ରଣନୀତି ପ୍ରସ୍ତୁତ କରାଯିବ । ପଂଚାୟତ ସ୍ତରରେ ଏହି କାମକୁ ସରପଂଚ ଏହି କାମକୁ ତଦାରଖ କରିବେ । ପଂଚାୟତିରାଜ ବିଭାଗକୁ ଉପଯୋଗ କରି ଗ୍ରାମପଂଚାୟତ ଡେଭେଲପମେଂଟ ପ୍ଲାନର ଆର୍ଥିକ ସହାୟତାରେ ଏହି କାମକୁ ଆଗକୁ ନିଆଯିବାକୁ ବୋର୍ଡ଼ ଚିନ୍ତା କରୁଛି । ଏହାବାଦ ସବୁ ପଂଚାୟତରେ ଗୋଟିଏ ଲେଖାଏଁ ବାୟୋଡାଇଭରସିଟି କନଜରଭେସନ ଏରିଆ ତିଆରି କରାଯିବ । ଛୋଟ ଛୋଟ ଜାଗାରେ ଥିବା ଗୋଚର ଜମିକୁ ଏହି କାମରେ ବିନିଯୋଗ କରାଯିବ । ସ୍ଥାନୀୟ ଅଂଚଳରେ ଅତି ସଙ୍କଟାପନ୍ନ ଅବସ୍ଥାରେ ଥିବା ଉଦ୍ଭିଦ ମାନଙ୍କର ତାଲିକା କରାଯାଇ ଅଗ୍ରାଧିକାର ଭିତିରେ ସେସବୁ ଲଗାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯିବ । ତେବେ ଲଗାଯିବାକୁ ଥିବା ଉଦ୍ଭିଦ ନିଶ୍ଚିତ ଭାବେ ଲୋକଙ୍କ ବ୍ୟବହାରରେ ଲାଗୁଥିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ଦରକାର । ପରବର୍ତୀ ସମୟରେ ଏହାକୁ ବିଏମସି ସଦସ୍ୟମାନଙ୍କ ସହାୟତାରେ ବାଣିଜ୍ୟ ଭିତିରେ ବ୍ୟବହାର କରାଯାଇ ଲୋକଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ବୋର୍ଡ଼ର କର୍ତୃପକ୍ଷ ଚିନ୍ତା କରୁଛନ୍ତି ।



*ଶ୍ରୀବିହାର କଲୋନୀ, କଟକ : ୯୪୩୭୬୬୬୪୫୩*

## ପ୍ରକୃତିର ଆହ୍ୱାନ

◆ ଶୁଭସ୍ମିତା ସାମଲ

> ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ । ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ । ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ । ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା । ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତି ହୋଇଥିଲା । ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି । ତେବେ ୧୯୭୩ ମସିହାରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା । ସେବେ ଠାରୁ ବିଭିନ୍ନ ବିଷୟ ବସ୍ତୁକୁ ନେଇ ପ୍ରତିବର୍ଷ ବିଶ୍ୱର ବିଭିନ୍ନ ସହରରେ ଏହି ଦିବସ ପାଳନ କରାଯାଏ ।

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ ? ଭଅଁରର ସ୍ୱର କାହିଁକି ଶୁଣାଯାଉନି ତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ । ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁ ନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛି ମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍ ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତମାନ ପର୍ଯ୍ୟନ୍ତ କୃଷିବିଦ୍ ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟ ଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇ ପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି । ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟ ମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନ ଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ । ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଂଚଳ ମଧ୍ୟ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଂଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।






*ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ*

## ସବୁଜ ପୃଥିବୀର ଆହ୍ୱାନ

◆ ଦଶରଥ ହେମ୍ବ୍ରମ୍



ସୁନ୍ଦର ପ୍ରକୃତି ଓ ସୁସ୍ଥ ପରିବେଶରସୁରକ୍ଷା ଦିଗରେ ଜନସାଧାରଣଙ୍କୁ ସଚେତନ କରିବାଉଦ୍ଦେଶ୍ୟରେ ପ୍ରତିବର୍ଷଜୁନ୍ ୫ ତାରିଖ ଦିନ 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଏ । ଏଥିପାଇଁକେଉଁଠି ରାଲିମ୍ମମରେଲୋକ ମାନଙ୍କୁସଚେତନତା ସୃଷ୍ଟିକରାଯାଉଛି ତ ଆଉକେଉଁଠିସଭାସମିତିର ଆୟୋଜନ କରି ପ୍ରକୃତି ଓ ପରିବେଶଉପରେ ଆଲୋଚନା କରାଯାଉଛି । ଖାଲିସେତିକି ନୁହଁ, ଯେଉଁମାନେ ପ୍ରକୃତି ଓ ପରିବେଶକୁହତ୍ୟାକରୁଛନ୍ତିସେମାନଙ୍କବିରୁଦ୍ଧରେ ଦୃଢକାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ପ୍ରଣୟନ କରାଯାଇଛି । ଏଥିପାଇଁସରକାରଙ୍କରସ୍ୱତନ୍ତ୍ର ପରିବେଶ ଓ ଜଙ୍ଗଲବିଭାଗ ମଧ୍ୟ ରହିଛି । କିନ୍ତୁ ଜନସାଧାରଙ୍କ ଚିନ୍ତଚେତନାରେ ଏହାରବିଶେଷକିଛି ପ୍ରଭାବ ନପଡ଼ିବାରୁବୋଧହୁଏ, ନିଜ ନିଜରସ୍ୱାର୍ଥ ହାସଲଲକ୍ଷ୍ୟରେ ଏ ମଣିଷଜାତି ପ୍ରକୃତି ଓ ପରିବେଶର ମାନଚିତ୍ରକୁବିକୃତ କରିସାରିଛନ୍ତି ।ଏଠିସତ କଥା କହିବାକୁଗଲେ, ମଣିଷରଏହିପରିକୁ କାର୍ଯ୍ୟଯୋଗୁଁଜଙ୍ଗଲସମ୍ପଦ କ୍ଷୟହେବା ସହ ବନ୍ୟଜନ୍ତୁଙ୍କଜୀବନ ବର୍ତମାନ ଘୋରବିପଦରେ ପଡ଼ିଛି, ସେମାନଙ୍କସଂଖ୍ୟା ମ୍ମ ଧୀରେ ଧୀରେକମିବାରେଲାଗିଛି ।କେବଳଏତିକି ନୁହେଁ, ଜଳବାୟୁରେ ମ୍ମ ବିରାଟବଡ଼ ପରିବର୍ତନ ଦେଖା ଦେଇଛି, ଯାହାଫଳରେ ବାରମାସକାଳ ପ୍ରଚଣ୍ଡଉତାପ ବୃଦ୍ଧି ପାଉଛି, ଅନିୟମିତତାହେଉଛି ପାଣିପାଗ, ଅଦିନରେ ଘୂର୍ଣ୍ଣିଝଡ଼, ବନ୍ୟା, ମରୁଡ଼ି, ଭୂକମ୍ପ ଭଳି ପ୍ରାକୃତିକବିପର୍ଯ୍ୟୟରାଜ୍ୟ ତଥା ଦେଶରେ ଦେଖିବାକୁମିଳୁଛି । ସମ୍ପ୍ରତିସମୟରେଏହାରଜ୍ୱଳନ୍ତ ଉଦାହରଣହେଲା, ସୁପରଏଲ-ନିନୋ, ୨୦୨୬ ଯାହାମାନବ ସମାଜକୁଏବେଚିନ୍ତାରେ ପକାଇଛି । ତଥାପି, ଏସବୁଜାଣିବାସତ୍ତ୍ୱେ ପ୍ରକୃତି ଓ ପରିବେଶରସୁରକ୍ଷା ପାଇଁକାହାମ୍ମରେତତ୍ପରତା ଦେଖିବାକୁମିଳୁନାହିଁ । ପ୍ରକୃତି ଓ ପରିବେଶ ପ୍ରତିସକାରାତ୍ମକ ଜନଜାଗ୍ରତିସୃଷ୍ଟିକରିବାବିଶ୍ୱ ପରିବେଶ ଦିବସ ପାଳନର ଲକ୍ଷ୍ୟ । ପ୍ରତିବର୍ଷଏହାକୁ ପାଳନ କରିବା ପାଇଁ ୧୯୭୨ ମସିହା, ଜୁନ୍ ୫ ତାରିଖ ଦିନ ସ୍ୱିଡେନର ଷ୍ଟକହୋମ୍ ଠାରେ ଏକ ସମ୍ମିଳନୀ ମିଳିତ ଜାତିସଂଘ ସାଧାରଣସଭା ଦ୍ୱାରାଏହି ଦିବସରଶୁଭାରମ୍ଭ କରାଯାଇଥିଲା ।ବୈଠକର ନିଷ୍ପତି ଅନୁସାରେ ୧୯୭୩ ମସିହା, ଜୁନ ୫ ତାରିଖ ଦିନ ସ୍ୱିଜରଲ୍ୟାଣ୍ଡର ଥିବାଜେନିଭା ସହରରେ ପ୍ରଥମ ବିଶ୍ୱ ପରିବେଶ ଦିବସ ଆନୁଷ୍ଠାନିକ ଭାବେ ପାଳିତ କରାଯାଇ ଥିଲା । ଏହି ପ୍ରଥମ ଦିବସରମୂଳ ବିଷୟବସ୍ତୁବା ସ୍ଲୋଗାନ "କେବଳ ଗୋଟିଏ ପୃଥିବୀ' (Only One Earth) ଥିଲା । ୧୯୭୪ରେ ଆମେରିକାର 'ସ୍ପୋକେନ୍' ସହରରେଏହାକୁ ଏକ ବଡ଼ ଆୟୋଜନ ସହ ପାଳନ କରାଯାଇଥିଲା ।ଏହା ପରଠାରୁ ପ୍ରତିବର୍ଷଜୁନ ୫ ତାରିଖକୁବିଶ୍ୱ ପରିବେଶ ଦିବସରୂପେ ପାଳନ କରାଯାଉଛି ।ଏହା ପ୍ରକୃତି ଓ ପରିବେଶସଚେତନତାଏବଂକାର୍ଯ୍ୟ ପାଇଁଉତ୍ସର୍ଗୀକୃତ ।ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରବିଶ୍ୱ ପରିବେଶ ଦିବସ ପାଳନ କରିବାରେ ଭାଗ ନେଇଥାଏ ।ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟିକରିବା ସହରାଜନୈତିକ ଦୃଷ୍ଟି ଆକର୍ଷଣ ତଥା ଆଗାମୀ ପରିବେଶସୁରକ୍ଷା ଦିଗରେନେବାକୁ ଥିବାବିଭିନ୍ନ ପଦକ୍ଷେପ ପାଇଁଜନସାଧାରଣଙ୍କୁ ଉତ୍ସାହିତକରାଯାଏ । ପ୍ରକୃତି ଓ ପରିବେଶର ଯତ୍ନ ନେବାକୁଏହି ଦିବସସମସ୍ତଙ୍କୁବାର୍ତା ଦେଇଥାଏ । "ପରିବେଶସୁରକ୍ଷିତ ରହିଲେହିଁ ଆମର ଭବିଷ୍ୟତସୁରକ୍ଷିତରହିବ' - ଏହା ଆମେମନେ ରଖିବାଉଚିତ । ପ୍ରକୃତି ଓ ପରିବେଶ ହେଉଛିଭଗବାନଙ୍କର ଏକ ଅମୂଲ୍ୟ ଦାନ ।ମଣିଷଠାରୁ ଆରମ୍ଭ କରିଯେତେ ସବୁଜୀବଜନ୍ତୁ ସମସ୍ତେଏହି ପ୍ରକୃତିକୋଳରେ ବଢ଼ିଥିବାବେଳେ ପରିବେଶ ହେଉଛି ସେମାନଙ୍କ ଜୀବନରମୂଳ ଆଧାର । ସମସ୍ତେଜାଣିଛନ୍ତି, ପରିବେଶ ଓ ପ୍ରକୃତିବିନାଜୀବନ ଅସମ୍ଭବ । ତଥାପି, ଏସବୁଜାଣିବା ସତ୍ତ୍ୱେବିସ୍ୱାର୍ଥପରମଣିଷଟିଏ ଅବୁଝାହୋଇ ପ୍ରକୃତି ଓ ପରିବେଶକୁ ଧ୍ୱଂସକରୁଛି । 'ଳରେ, ପରିବେଶହେଉଛି ପ୍ରଦୂଷିତ ଓ ତାପମାତ୍ରାବୃଦ୍ଧି ପାଉଛି । ଏଥିପାଇଁ ଆଜିସମଗ୍ର ବିଶ୍ୱଚିନ୍ତିତ । ତେବେଏସବୁଥିରସମାଧାନ କେବଳ ମଣିଷଚାହିଁଲେକରିପାରିବବୋଲି ଆଶାକରାଯାଏ । ସେହିଁସୃଷ୍ଟିକରିପାରିବ ପୁଣି ଥରେସୁନ୍ଦର ପ୍ରକୃତି ଓ ସୁସ୍ଥ ପରିବେଶ । ଅର୍ଥାତ, ଅଧିକରୁ ଅଧିକ ବୃକ୍ଷରୋପଣକରିବାକୁହେବ ।ଗୋଟିଏ ଗଛ କାଟିଲେତା' ବଦଳରେ ପା□ଟି ଗଛ ଲଗାଇବାଉଚିତ । ପ୍ଲାଷ୍ଟିକବ୍ୟାଗ୍ ବଦଳରେ କପଡ଼ାବା ଝୋଟ ବ୍ୟାଗ୍‌ବ୍ୟବହାରକରିବାଜରୁରୀ । ଏଥିପ୍ରତି ଆମକୁଜାଗ୍ରତହେବାକୁ ପଡ଼ିବ । ଭବିଷ୍ୟତ ପିଢ଼ିଙ୍କ ପାଇଁ ଆମକୁ ଏକ ଉନ୍ନତ ପରିବେଶ ସୃଷ୍ଟିକରିବାକୁ ପଡ଼ିବ ।କେବଳସରକାରୀ ନିୟମ ଦ୍ୱାରା ନୁହେଁ, ବରଂ ପ୍ରତ୍ୟେକ ନାଗରିକସଚେତନ ହେଲେହିଁ ଆମ ପ୍ରକୃତିସବୁଜସୁନ୍ଦର ଓ ସୁରକ୍ଷିତ ହୋଇରହିପାରିବ ।ବିଶ୍ୱ ପରିବେଶ ଦିବସ ପାଳନ ନୁହେଁବରଂ ପ୍ରତିଦିନ ଆମେ ପରିବେଶରସୁରକ୍ଷା ପ୍ରତିଯତ୍ନବାନ ହେଲେ ଯାଇ ଆମେବଂଚିବାର ପ୍ରକୃତରାହାଖୋଜି ପାଇପାରିବା ।ତେଣୁ ଯନ୍ତ୍ର ମାୟାଜାଲରୁ ଦୂରେଇ ପ୍ରକୃତିର ପୂଜକସାଜିଲେସବୁଜ ପୃଥିବୀଗଢ଼ିବାରେ ଅଧିକସମୟଲାଗିବ ନାହିଁ ।

*ବାଲେଶ୍ୱର, ମୋ-୯୩୩୭୪୦୪୨୫୪*

# ଗ୍ରେଟ୍ ନିକୋବର: ଭାରତର ସାମୁଦ୍ରିକ ରଣନୈତିକ କେନ୍ଦ୍ରବିନ୍ଦୁ

ଯେଉଁ ରାଷ୍ଟ୍ର ନିଜର ସୀମା, ମେଂଟ ଏବଂ ବାଣିଜ୍ୟ ମାର୍ଗକୁ ସୁରକ୍ଷିତ ରଖିପାରେ ନାହିଁ, ସେ ନିଜର ଭବିଷ୍ୟତକୁ କେବେହେଲେ ସୁରକ୍ଷିତ କରିପାରିବ ନାହିଁ । କୌଟିଲ୍ୟଙ୍କ ସେହି ଶିକ୍ଷା, ଯାହା ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ଶାସନ ପଦ୍ଧତିର ବ୍ୟାକରଣରେ ଲିପିବଦ୍ଧ ହୋଇଥିଲା, ତାହା ଆଜିର ସମୟରେ ଏକ ଅଦ୍ଭୁତ ଶକ୍ତି ସହିତ ପୁଣି ଫେରିଆସିଛି । ବର୍ତ୍ତମାନ ସମୟରେ ରାଷ୍ଟ୍ରଗୁଡ଼ିକର ପରୀକ୍ଷା କେବଳ ସେମାନଙ୍କ ଅର୍ଥନୀତିର ଆକାର କିମ୍ବା ସେନାବାହିନୀର ସାମର୍ଥ୍ୟ ଦ୍ୱାରା ହେଉନାହିଁ, ବରଂ ଭୂଗୋଳକୁ ବୁଝିବା, ଭବିଷ୍ୟତର ଆକଳନ କରିବା ଏବଂ ସୁଯୋଗଟିଏ ଦୁର୍ବଳତାରେ ପରିଣତ ହେବା ପୂର୍ବରୁ ପଦକ୍ଷେପ ନେବାର କ୍ଷମତା ଦ୍ୱାରା ହେଉଛି । ଭାରତ ପାଇଁ 'ଗ୍ରେଟ୍ ନିକୋବର' ହେଉଛି ସେହିଭଳି ଏକ ଅଗ୍ନିପରୀକ୍ଷା । ଏହା ଭାରତ ମାନଚିତ୍ରର ଦକ୍ଷିଣ-ପୂର୍ବ ଧାରରେ ଏକ ସୁଦୂର ଦ୍ୱୀପ ଭାବରେ ଦେଖାଯାଇପାରେ, ଯେପରି ଏହା ପ୍ରାୟତଃ ଦଶନ୍ଧି ଧରି ଲୋକଲୋଚନରୁ ଦୂରରେ ରହିଆସିଛି । ଗ୍ରେଟ୍ ନିକୋବର ହେଉଛି ଭାରତର ଛାମୁଆ ସାମୁଦ୍ରିକ ପୋଷ୍ଟ । ଭାରତ-ପ୍ରଶାନ୍ତ ମହାସାଗରର କେତେକ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରପଥ ନିକଟରେ ଅବସ୍ଥିତ । ଏହା ବିଶ୍ୱ ପାଇଁ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ବାତାୟନ ମଧ୍ୟରୁ ଗୋଟିଏ । ସେଥିପାଇଁ ଗ୍ରେଟ୍ ନିକୋବରର ପ୍ରସ୍ତାବିତ ବିକାଶକୁ କେବଳ ଏକ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବିବେଚନା କଲେ ପର୍ଯ୍ୟାପ୍ତ ହେବନାହିଁ । ଏହା କେବଳ ଏକ ବନ୍ଦର, ଏକ ବିମାନ ବନ୍ଦର, ଏକ ଟାଉନସିପ୍ କିମ୍ବା ଏକ ପାୱାର ପ୍ଲାଂଟ ବିଷୟରେ ନୁହେଁ । ଏହା ଏକ ରଣନୈତିକ ପରୀକ୍ଷା ଯେ ଭାରତ ଏହାର ବ୍ୟାପକ ରାଷ୍ଟ୍ରୀୟ ଶକ୍ତିକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଏକ ବିରଳ ଭୌଗୋଳିକ ସୁବିଧାକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଅବା ନୁହେଁ । ଶହ ଶହ ବର୍ଷ ଧରି, ଭାରତ ମହାସାଗର ଭାରତର ଭାଗ୍ୟକୁ ନିର୍ଦ୍ଧାରଣ କରିଆସିଛି । ଆମର ବାଣିଜ୍ୟ, ଚିନ୍ତାଧାରା, ସଭ୍ୟତାଗତ ପ୍ରଭାବ ଏବଂ କେତେକ ସମୟରେ ଆମର ଦୁର୍ବଳତାକୁ ଏହା ବହନ କରିଛି । ତଥାପି ସ୍ୱାଧୀନତା ପରବର୍ତ୍ତୀ ଅବଧିର ଅଧିକାଂଶ ସମୟ ପାଇଁ, ଭାରତର ରଣନୈତିକ କଳ୍ପନା ବ୍ୟାପକ ଭାବରେ ମହାଦେଶୀୟ ରହି ଆସିଥିଲା । ଏହା ନିର୍ବିବାଦରେ କୁହାଯାଇପାରେ ଯେ ଗ୍ରେଟ୍ ନିକୋବାର ଏକ ଅସାଧାରଣ ରଣନୈତିକ ଗୁରୁତ୍ୱର ସ୍ଥାନ ଅଧିକାର କରିଛି । ଏହା ଦ୍ୱୀପପୁଞ୍ଜମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଦ୍ୱୀପପୁଞ୍ଜ ମଧ୍ୟରୁ ଗୋଟିଏ, ଯାହାର କ୍ଷେତ୍ରଫଳ ପ୍ରାୟ ୯୧୦ ବର୍ଗ କିଲୋମିଟର । ମୋଟ ୧୬୬.୧୦ ବର୍ଗ କିଲୋମିଟର ପ୍ରକଳ୍ପ କ୍ଷେତ୍ରଫଳ ମୋଟ କ୍ଷେତ୍ରଫଳର ମାତ୍ର ୨ ପ୍ରତିଶତ, ଯାହା ମଧ୍ୟରୁ ୧୩୦.୭୫ ବର୍ଗ କିଲୋମିଟର, ଦ୍ୱୀପପୁଞ୍ଜର ମୋଟ ଜଙ୍ଗଲ କ୍ଷେତ୍ରଫଳର ପ୍ରାୟ ୧.୮୨ ପ୍ରତିଶତ, ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ରହିଛି । ଏହା ଦକ୍ଷିଣ-ପୂର୍ବ ଏସିଆ ନିକଟରେ ଅବସ୍ଥିତ ଏବଂ ମାଲାକ୍କା ଷ୍ଟ୍ରେଟ୍, ସିକ୍ସ ଡିଗ୍ରୀ ଚ୍ୟାନେଲ୍, ସୁଣ୍ଡା ଷ୍ଟ୍ରେଟ୍ ଏବଂ ଲୋମ୍ବୋକ୍ ଷ୍ଟ୍ରେଟ୍ ସମେତ ବିଶ୍ୱ ପ୍ରମୁଖ ସାମୁଦ୍ରିକ ପଥର ନିକଟରେ ଅବସ୍ଥିତ । ପ୍ରକୃତରେ ରଣନୈତିକ ଅର୍ଥରେ, ଏହା ଭାରତର ପୂର୍ବ ସାମୁଦ୍ରିକ ମାର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ । ଯେତେବେଳେ ଏହାକୁ ଉଚ୍ଚ ସମୁଦ୍ରର ରଣନୈତିକ ଦୃଷ୍ଟିକୋଣରୁ ଦେଖାଯାଏ, ସେତେବେଳେ ଏହାର ଗୁରୁତ୍ୱ ସ୍ପଷ୍ଟ ହୋଇଥାଏ । କଳ୍ପନା କରନ୍ତୁ ଯେ ଆଡେନ୍ ଉପସାଗରରୁ ମାଲାକ୍କା ଷ୍ଟ୍ରେଟ୍ ଆଡକୁ ଯାଉଥିବା ଜାହାଜ, ପଶ୍ଚିମ ଏସିଆ ଏବଂ ଆଫ୍ରିକାରୁ ପୂର୍ବ ଏସିଆ ଦିଗରେ ଯାତ୍ରା କରୁଥିବା ବିରାଟକାୟ ମାଲବାହୀ ଜାହାଜ, ଏସିଆ, ଆଫ୍ରିକା ଏବଂ ୟୁରୋପକୁ ସଂଯୋଗ କରୁଥିବା କଂଟେନର ଟ୍ରାଫିକ୍, ନୌସେନା ସମ୍ପତି, ନିରୀକ୍ଷଣ ପ୍ଲାଟଫର୍ମ ଏବଂ ଲଜିଷ୍ଟିକ୍ସ ଚେନ୍ ଏହି ଜଳରାଶି ଦେଇ ଯାତାୟାତ କରିଥାଏ । ଭାରତ ମହାସାଗର କ୍ରମଶଃ ଏକ କୋଳାହଳପୂର୍ଣ୍ଣ ରଣନୈତିକ କ୍ଷେତ୍ରରେ ପରିଣତ ହୋଇ ପଡୁଛି । ଶକ୍ତି ପ୍ରବାହ, କଂଟେନର ଟ୍ରାଫିକ୍, ନୌସେନା ନିୟୋଜନ, ଦ୍ୱୀପ ସୁବିଧା, ସମୁଦ୍ର ତଳେ ବିଛାଯାଇଥିବା କେବୁଲ୍ ଏବଂ ସାମୁଦ୍ରିକ ନିରୀକ୍ଷଣ ଏବେ ଏକ ବୃହତ ପ୍ରତିଯୋଗିତାର ଅଂଶ । ହୁଏତ ମୁଖ୍ୟଭୂମିରେ ବସବାସ କରୁଥିବା ଅନେକଙ୍କ ପାଇଁ ଏହା ଅଦୃଶ୍ୟ, କିନ୍ତୁ ରାଷ୍ଟ୍ରମାନଙ୍କର ଭବିଷ୍ୟତ ପାଇଁ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ସାମ୍ପ୍ରତିକ ବିକାଶ ହେଉଛି ଯେ ଆଣ୍ଡାମାନ ସାଗରକୁ ଥାଇଲ୍ୟାଣ୍ଡ ଉପସାଗର ସହିତ ସଂଯୋଗ କରୁଥିବା ଏକ କେନାଲ ପାଇଁ ଏକ ଦଶନ୍ଧିର ପୁରୁଣା ପ୍ରସ୍ତାବକୁ ସ୍ଥଗିତ ରଖାଯାଇଛି । ଏହା ବଦଳରେ, ଦଶମ ସମାନ୍ତରାଳ ପଥ ସହିତ ଦୁଇଟି ନୂତନ ଡିଜାଇନ୍ ହୋଇଥିବା ଗଭୀର ସମୁଦ୍ର ବନ୍ଦରକୁ ସଂଯୋଗ କରୁଥିବା ଏକ ୯୦ କିଲୋମିଟର ବିବିଧ-ମୋଡାଲ୍ ସ୍ଥଳ ସେତୁ - ଆଣ୍ଡାମାନ ସାଗରର ରାନୋଙ୍ଗରେ ଗୋଟିଏ ଏବଂ ଥାଇଲ୍ୟାଣ୍ଡ ଉପସାଗରର ଚୁମ୍ଫୋନରେ ଅନ୍ୟ ଏକ, ଦୋହରା ଟ୍ରାକ୍ ହାଇ ସ୍ପିଡ୍ ରେଳ, ବହୁ ଲେନବିଶିଷ୍ଟ ସଡ଼କ, ତୈଳ ଏବଂ ଗ୍ୟାସ ପାଇଁ ଶକ୍ତି ପାଇପ ଲାଇନ୍ ଏବଂ ଏୟାର-ଡିଜିଟାଲ୍ ଗ୍ରୀଡ୍ ସହିତ, ଚୂଡ଼ାନ୍ତ ଅନୁମୋଦନ ପାଇଁ ଅପେକ୍ଷା କରି ରହିଛି । ଏହି ସମସ୍ତ କାରଣଗୁଡ଼ିକ ଭାରତ -ପ୍ରଶାନ୍ତ ମହାସାଗର ବାଣିଜ୍ୟ ମାର୍ଗକୁ ସମ୍ପୂର୍ଣ୍ଣ ଭାବରେ ପୁନଃ-ପରିଭାଷିତ କରେ ଏବଂ ଅର୍ଥନୈତିକ ଗୁରୁତ୍ୱ ଆକର୍ଷଣ କେନ୍ଦ୍ରକୁ ସିଧାସଳଖ ଆଣ୍ଡାମାନ ବେସିନରେ ସ୍ଥାନାନ୍ତରିତ କରେ । ମାଲାକ୍କା ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚୋକିଂ ପଏଂଟ (ବ୍ୟସ୍ତବହୁଳ ସଂକୀର୍ଣ୍ଣ ସାମୁଦ୍ରିକ ପଥ) ମଧ୍ୟରୁ ଗୋଟିଏ । ଏହା ଭାରତ ମହାସାଗରକୁ ପ୍ରଶାନ୍ତ ମହାସାଗର ସହିତ ସଂଯୋଗ କରେ ଓ ଶକ୍ତି (ପେଟ୍ରୋଲିୟମ ଏବଂ ଏଲ.ଏନ.ଜି.) ଏବଂ ବିପୁଳ ମୂଲ୍ୟର ବାଣିଜ୍ୟ ପରିବହନ କରିଥାଏ । ଗ୍ରେଟ୍ ନିକୋବରର ଗାଲାଥିଆ ଉପସାଗର ସିକ୍ସ ଡିଗ୍ରୀ ଚ୍ୟାନେଲରୁ ପ୍ରାୟ ୪୫ କିଲୋମିଟର ଦୂରରେ ଅବସ୍ଥିତ, ଯାହା ମାଲାକ୍କା ପ୍ରଣାଳୀକୁ ଆଫ୍ରିକା, ମଧ୍ୟ ପ୍ରାଚ୍ୟ ଏବଂ ୟୁରୋପ ଦିଗରେ ଯାଉଥିବା ମାର୍ଗ ସହିତ ସଂଯୋଗ କରେ । ମାଲାକ୍କା ପ୍ରଣାଳୀ- ସିକ୍ସ ଡିଗ୍ରୀ ଚ୍ୟାନେଲ ପଥ ଦେଇ ବାର୍ଷିକ ପ୍ରାୟ ଏକ ଲକ୍ଷ ଜାହାଜ ଯାତାୟାତ କରେ । ମାଲାକ୍କା, ସୁଣ୍ଡା ଏବଂ ଲୋମ୍ବୋକ୍ ଚୋକିଂ ପଏଂଟ ସହିତ ଦ୍ୱୀପର ନିକଟତା ଭାରତକୁ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ସୁବିଧା ପ୍ରଦାନ କରେ । କୌଣସି ପ୍ରମୁଖ ସାମୁଦ୍ରିକ ଶକ୍ତି ଏପରି ଭୌଗୋଳିକ ତଥ୍ୟକୁ ଅଣଦେଖା କରିପାରିବ ନାହିଁ । ଆଇ.ଓ.ଆର.ରେ, ଶକ୍ତିଶାଳୀ ଦେଶ ବନ୍ଦର, ଲଜିଷ୍ଟିକ୍ସ ବ୍ୟବସ୍ଥା, ସାମୁଦ୍ରିକ ପ୍ରବେଶ ସୁବିଧା, ନୌସେନା ସମ୍ପତି, ନିରୀକ୍ଷଣ ପ୍ରଣାଳୀ ଏବଂ ଅର୍ଥନୈତିକ କରିଡର ମାଧ୍ୟମରେ ସ୍ଥିର ଭାବରେ ସେମାନଙ୍କର ଉପସ୍ଥିତି ବିସ୍ତାର କରୁଛନ୍ତି । ଏଭଳି ପୃଷ୍ଠଭୂମିରେ ଭାରତର ଉତର କଦାପି ଦ୍ୱିଧାବୋଧ ହୋଇପାରିବ ନାହିଁ । ଏହା ରଣନୈତିକ ଏକୀକରଣ ହେବା ଜରୁରୀ । କେବଳ ମାନଚିତ୍ରରେ ରେଖା ଆଙ୍କି ସାର୍ବଭୌମତ୍ୱକୁ ମଜବୁତ କରାଯାଇ ନଥାଏ । ଯେତେବେଳେ କ୍ଷେତ୍ର ସଂଯୁକ୍ତ, ବସତିଯୁକ୍ତ, ସେବାଯୁକ୍ତ, ଉତ୍ପାଦନକ୍ଷମ ଏବଂ ରଣନୈତିକ ଭାବରେ ଏହା ବ୍ୟବହାରଯୋଗ୍ୟ ହୁଏ ସେତେବେଳେ ଏହା ମଜବୁତ ହୋଇଥାଏ । ଅନ୍ତର୍ଜାତୀୟ କଂଟେନର ଟ୍ରାନ୍ସ-ସିପମେଂଟ ବନ୍ଦର, ଗ୍ରୀନଫିଲ୍ଡ ବିମାନ ବନ୍ଦର, ଟାଉନସିପ୍ ଏବଂ ପାୱାର ପ୍ଲାଂଟ ନିର୍ମାଣ କୌଣସି ପୃଥକ ପ୍ରକଳ୍ପ ନୁହେଁ । ଏକତ୍ର, ସେମାନେ ଗୋଟିଏ ନିର୍ଣ୍ଣାୟକ ସାମୁଦ୍ରିକ ସ୍ଥଳୀରେ ଏକ ବିଶ୍ୱସନୀୟ, ସ୍ଥାୟୀ ଏବଂ ବହୁମୁଖୀ ଉପସ୍ଥିତି ବଜାୟ ରଖିବା ନିମନ୍ତେ ଭାରତ ପାଇଁ ଆବଶ୍ୟକୀୟ ଇକୋସିଷ୍ଟମ ସୃଷ୍ଟି କରିଥାଆନ୍ତି । ରାଷ୍ଟ୍ରୀୟ ଗ୍ରୀନ୍ ଟ୍ରିବ୍ୟୁନାଲ, ପର୍ଯ୍ୟବେକ୍ଷଣର ଉପଯୁକ୍ତ ଶ୍ରମ ଏବଂ ପରିଶୋଧ ପରେ, କେବଳ ଦ୍ୱୀପ ଏବଂ ରଣନୈତିକ ସ୍ଥାନର ପାର୍ଶ୍ୱବର୍ତ୍ତୀ ଅଂଚଳର ଆର୍ଥିକ ବିକାଶ ପାଇଁ ନୁହେଁ, ବରଂ ପ୍ରତିରକ୍ଷା ଏବଂ ଜାତୀୟ ସୁରକ୍ଷା ପାଇଁ ମଧ ପ୍ରକଳ୍ପର ମହତ୍ୱକୁ ସ୍ୱୀକାର କରନ୍ତି । ସିଙ୍ଗାପୁର କେବଳ ଭୌଗୋଳିକ ଦୃଷ୍ଟିରୁ ଏକ ଉତମ ରଣନୈତିକ ଅବସ୍ଥିତିରେ ଥିବାରୁ ଏକ ମହାନ ସାମୁଦ୍ରିକ କେନ୍ଦ୍ର ହୋଇପାରି ନଥିଲା । ବରଂ ଏହା ସେହି ସ୍ଥାନ ଚତୁଃପାର୍ଶ୍ୱରେ ବ୍ୟାପକ ଦକ୍ଷତା ନିର୍ମାଣ କରିଥିଲା । ଭୌଗୋଳିକ ସ୍ଥିତି ଏହାକୁ ସୁଯୋଗ ଦେଇଥିଲା ଏବଂ ଏହାର ଭିତିଭୂମି ସେହି ସୁଯୋଗକୁ ପ୍ରଭାବରେ ପରିଣତ କରିଥିଲା । ଡିଏଗୋ ଗାର୍ସିଆ ଭାରତ ମହାସାଗରର ଆଉ ଦ୍ୱୀପ ଯାହା ଆମକୁ ଆଉ ଏକ ଶିକ୍ଷା ପ୍ରଦାନ କରେ । ଏହା ଦର୍ଶାଏ ଯେ କିପରି ଏକ ଦୂରବର୍ତ୍ତୀ ଦ୍ୱୀପ, ଯେତେବେଳେ ଲଜିଷ୍ଟିକ୍ସ ଏବଂ କାର୍ଯ୍ୟକ୍ଷମ ଭିତିଭୂମି ସହିତ ସଜ୍ଜିତ, ଅସାଧାରଣ ରଣନୈତିକ ଗୁରୁତ୍ୱ ହାସଲ କରିପାରିବ । ସାମୁଦ୍ରିକ ଭୂଗୋଳକୁ ବ୍ୟବହାର କରିବା ନିମନ୍ତେ ଏହା ଆବଶ୍ୟକୀୟ କ୍ଷମତା ନିର୍ମାଣ କରେ । ଗ୍ରେଟ୍ ନିକୋବାର ଭାରତକୁ ଏକ ସନ୍ତୁଳିତ ଏବଂ ସ୍ୱଷ୍ଟ ଭାବରେ ଭାରତୀୟ ଅବଧାରଣାରେ ଏହା କରିବାକୁ ଅନୁମତି ଦିଏ । ଏହା ବାଣିଜ୍ୟକୁ ସମର୍ଥନ କରିପାରିବ ଏବଂ ରାଷ୍ଟ୍ରୀୟ ସୁରକ୍ଷାକୁ ସୁଦୃଢ଼ କରିପାରିବ, ବିଦେଶୀ ଟ୍ରାନ୍ସ-ସିପିମେଂଟ ହବ୍ ଉପରେ ନିର୍ଭରଶୀଳତା ହ୍ରାସ କରିପାରିବ, ଭାରତର ସାମୁଦ୍ରିକ ପହଂଚକୁ ବୃଦ୍ଧି କରିପାରିବ ଏବଂ ଦକ୍ଷିଣ- ପୂର୍ବ ଏସିଆର ପ୍ରବେଶ ପଥ ଏବଂ ବ୍ୟାପକ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ନିମନ୍ତେ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିପାରିବ । ଗ୍ରେଟ୍ ନିକୋବରରେ ଏକ ଟ୍ରାନ୍ସ-ସିପମେଂଟ ବନ୍ଦର ବିଦେଶୀ ବନ୍ଦରଗୁଡ଼ିକରେ ପରିଚାଳିତ ଭାରତର ଟ୍ରାନ୍ସସିପ୍ ହେଉଥିବା କାର୍ଗୋ ଉପରେ ନିର୍ଭରଶୀଳତା ହ୍ରାସ କରିପାରିବ, ଯୋଗାଣ -ଶୃଙ୍ଖଳ ସ୍ଥିରତାକୁ ଉନ୍ନତ କରିବ, ନିବେଶକୁ ଆକର୍ଷିତ କରିବ, ନିଯୁକ୍ତି ସୃଷ୍ଟି ଏବଂ ଭାରତକୁ ଏହାର ନିଜସ୍ୱ କାର୍ଗୋ ଚଳାଚଳ


ଆଡମିରାଲ ଡି. କେ. ଜୋଶୀ

ଉପରେ ଅଧିକ ନିଶ୍ଚିତତା ପ୍ରଦାନ କରିପାରିବ । ଅବଶ୍ୟ, ଗ୍ରେଟ୍ ନିକୋବର ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ । ଏହି ମାତ୍ରାର ଯେକୌଣସି ପ୍ରକଳ୍ପ ପରିବେଶଗତ ଯତ୍ନ, ଆଇନଗତ ଅନୁପାଳନ, ବୈଜ୍ଞାନିକ ତଦାରଖ ଏବଂ ପ୍ରକୃତ ହ୍ରାସ ସହିତ କାର୍ଯ୍ୟକାରୀ କରାଯିବା ଉଚିତ । ଅସାବଧାନରେ କୌଣସି ବିକାଶ କଦାପି ସମ୍ଭବପର ହୋଇପାରିବ ନାହିଁ । କିନ୍ତୁ ପରିବେଶଗତ ସମ୍ବେଦନଶୀଳତା ରଣନୈତିକ ଚିନ୍ତାଧାରାରେ ସ୍ଥାୟୀ ଭିଟୋ ହୋଇପାରିବ ନାହିଁ । ପ୍ରକୃତ ଆହ୍ୱାନ ହେଉଛି ପରିବେଶଗତ ଦାୟିତ୍ୱ ଏବଂ ଜାତୀୟ ସୁରକ୍ଷା ମଧ୍ୟରୁ ଗୋଟିକୁ ବାଛିବା ନୁହେଁ । ଆହ୍ୱାନ ହେଉଛି ପରିବେଶଗତ ଦାୟିତ୍ୱ ସହିତ ରାଷ୍ଟ୍ରୀୟ ସୁରକ୍ଷାକୁ ଅନୁସରଣ କରିବା । ବାସ୍ତବ ପ୍ରଶ୍ନ ହେଉଛି ଭାରତ ଦାୟିତ୍ୱପୂର୍ଣ୍ଣ ଭାବରେ ଏକ ରଣନୈତିକ ଦ୍ୱୀପକୁ ବିକଶିତ କରିବାକୁ ଚାହୁଁଛି କି ? ଅବା ସମଗ୍ର ଭାରତ- ପ୍ରଶାନ୍ତ ମହାସାଗରକୁ ପୁନଃ-ସଂଗଠିତ କରାଯାଉଥିବା ସମୟରେ ସେହି ଦ୍ୱୀପକୁ ଅଣସଂଯୁକ୍ତ ଛାଡିଦେବ । ଭାରତ ଉଭୟ ଏକ ମହାଦେଶୀୟ ଏବଂ ସାମୁଦ୍ରିକ ଶକ୍ତି । ଦୀର୍ଘ ଦିନ ଧରି ମହାଦେଶୀୟ ମାନସିକତା ସାମୁଦ୍ରିକକୁ ଆଚ୍ଛନ୍ନ କରି ରଖିଥିଲା । ତେଣୁ ଗ୍ରେଟ୍ ନିକୋବର ପ୍ରକଳ୍ପ ଏକ ଅତିରଞ୍ଜିତ ପ୍ରସଙ୍ଗ ନୁହେଁ, ବରଂ ଏକ ରଣନୈତିକ ଦୂରଦୃଷ୍ଟି । ଏକ ଜାତିର ଭାଗ୍ୟ କେବଳ ଏହା ସମ୍ମୁଖୀନ ହେଉଥିବା ବର୍ତ୍ତମାନର ବିପଦ ଦ୍ୱାରା ନୁହେଁ, ବରଂ ସମୟକ୍ରମେ ଚିହ୍ନଟ ହୋଇଥିବା ସୁଯୋଗ ଦ୍ୱାରା ଆକାର ଲାଭ କରିଥାଏ । ଗ୍ରେଟ୍ ନିକୋବର ହେଉଛି ଏହିପରି ଏକ ସୁଯୋଗ । ଏହାକୁ ଅଣଦେଖା କରିବା ହେଉଛି ଭୂଗୋଳକୁ ଅବ୍ୟବହୃତ ଏବଂ ଅନ୍ୟମାନଙ୍କ ଦ୍ୱାରା ରୂପାନ୍ତରିତ ହେବା ପାଇଁ ଦୁର୍ବଳ କରିଦେବା । ଏହାକୁ ଚିନ୍ତାଶୀଳ ଭାବରେ ବିକଶିତ କରିବା ହେଉଛି ଭୂଗୋଳକୁ ଶକ୍ତିରେ ପରିଣତ କରିବା । ଭାରତକୁ ରଣନୈତିକ ଚିନ୍ତାଧାରା ପାଇଁ କ୍ଷମାପ୍ରାର୍ଥୀ ହେବାର ଆବଶ୍ୟକତା ନାହିଁ । ଏହାକୁ କେବଳ ଦାୟିତ୍ୱପୂର୍ଣ୍ଣ, ନିର୍ଣ୍ଣାୟକ ଏବଂ ଜାତୀୟ ସ୍ୱାର୍ଥର ସ୍ପଷ୍ଟ ଭାବନା ସହିତ କାର୍ଯ୍ୟରେ ପରିଣତ କରିବାକୁ ପଡିବ । ଭାରତ -ପ୍ରଶାନ୍ତ ମହାସାଗରୀୟ ଶତାବ୍ଦୀରେ, ଗ୍ରେଟ୍ ନିକୋବର ଭାରତର ଦୂରନ୍ତ ଧାର ନୁହେଁ । ଏହା ଭବିଷ୍ୟତର ପ୍ରବେଶ ଦ୍ୱାରରେ ଭାରତର ଜାଗ୍ରତ ପ୍ରହରୀ ।

***(ଲେଖକ ବର୍ତ୍ତମାନ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ମାନ୍ୟବର ଉପ-ରାଜ୍ୟପାଳ ଏବଂ ଦ୍ୱୀପପୁଞ୍ଜ ବିକାଶ ସଂସ୍ଥାର ଉପାଧକ୍ଷ ଅଟନ୍ତି । ସେ ଜଣେ ପୂର୍ବତନ ନୌସେନା ମୁଖ୍ୟ ଏବଂ ୨୦୦୯-୧୦ ମସିହାରେ ଆଣ୍ଡାମାନ ଓ ନିକୋବର କମାଣ୍ଡର କମାଣ୍ଡର-ଇନ୍-ଚିଫ୍ ଭାବେ କାର୍ଯ୍ୟ କରିସାରିଛନ୍ତି ।)***

# ରବି ଧାନ ଅଧିଗ୍ରହଣ ଜାରି: ବର୍ତ୍ତମାନ ସୁଦ୍ଧା ୩୯,୯୯୧କ୍ୱିଂଟାଲ ଧାନ ସଂଗ୍ରହ



ନୂଆପଡ଼ା । (ନିପ୍ର): ନୂଆପଡ଼ା ଜିଲ୍ଲାରେ ଚଳିତ ରବି ଧାନ ଅଧିଗ୍ରହଣ କାର୍ଯ୍ୟକ୍ରମ ସୁଚାରୁ ଭାବେ ଜାରି ରହିଛି । ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଚାଷୀମାନଙ୍କ ଠାରୁ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ଧାନ କ୍ରୟ କରାଯାଉଛି । ଜୁନ ୩ ତାରିଖ ସୁଦ୍ଧା ଜିଲ୍ଲାର ୨୨ଟି ପ୍ୟାଡି ପ୍ରୋକ୍ୟୁରମେଂଟ ସେଂଟର (ଚଚଉ) କାର୍ଯ୍ୟକ୍ଷମ ରହିଥିବା ବେଳେ ୨୩୮ ଜଣ ଚାଷୀଙ୍କ ଠାରୁ ମୋଟ ୧୨,୩୯୮.୬୯ କ୍ୱିଂଟାଲ ଧାନ କ୍ରୟ କରାଯାଇଛି । ଜିଲ୍ଲାରେ ମୋଟ ୨୪ଟି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଏପର୍ଯ୍ୟନ୍ତ ୭୬୮ ଜଣ ଚାଷୀଙ୍କଠାରୁ ସମୁଦାୟ ୩୯,୯୯୧ କ୍ୱିଂଟାଲ ଧାନ ଅଧିଗ୍ରହଣ କରାଯାଇଛି । ଚାଷୀମାନଙ୍କ ସୁବିଧା, ଧାନର ସୁରକ୍ଷିତ ସଂରକ୍ଷଣ, ଶୀଘ୍ର ଉଠାଣ ଏବଂ ସମୟ ଉପଯୋଗୀ ପ୍ରାପ୍ୟ ପ୍ରଦାନ ନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ, ଯୋଗାଣ ବିଭାଗ, ସମବାୟ ସମିତି ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି । ରବି ଧାନ ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରବଚ୍ଛିନ୍ନ ରଖିବା ପାଇଁ ସମସ୍ତ ପିପିଶିର କାର୍ଯ୍ୟକଳାପ ଉପରେ ନିୟମିତ ତଦାରଖ କରାଯାଉଥିବା ବେଳେ ଅବଶିଷ୍ଟ ଚାଷୀମାନଙ୍କ ଠାରୁ ମଧ ପର୍ଯ୍ୟାୟ କ୍ରମେ ଧାନ କ୍ରୟ କାର୍ଯ୍ୟ ଜାରି ରହିବା କଥା ସୂଚନା ମିଳିଛି ।

# ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୫୦ ହଜାର ଟଙ୍କା ଜରିମାନା

କନ୍ଧମାଳ(ଏଜେନ୍ସି): କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ) ମନୋରଞ୍ଜନ ଦାସ ବାଲିଗୁଡ଼ା ପି.ଏସ୍.ରୁ ଉଠାଯାଇ ଥିବା ମାମଲା ନମ୍ବର- ସିଟି ୧୧ । ୨୦୨୪ ର ଅଭିଯୁକ୍ତ ସପନା ପାଟ ମାଝୀଙ୍କୁ, ମାମଲାର ସାକ୍ଷୀ ଓ ପ୍ରମାଣ ତଥା ପିଡିତାଙ୍କ ବୟାନ ଆଧାରରେ, ଦୋଷୀ ସାବ୍ୟସ୍ତ କରି, ମାମଲା ୪୬/୨୦୨୪ ତା.୨୪/୦୨/୨୦୨୪ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ମଧ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ପୋକ୍ସୋ ଆଇନର ଧାରା ୬ ରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦୦୦/- ଟଙ୍କା ଜରିମାନା ଦେବାକୁ ଦଣ୍ଡିତ କରାଯାଇଛି । ଯଦି ତାହା ନହୁଏ ତେବେ ୩୬୩ ଆଇପିସି ଏବଂ ଧାରା ୬ ରେ ଆହୁରି ୨ ମାସ ସଶ୍ରମ କାରାଦଣ୍ଡ ଏବଂ ୭ (ସାତ) ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ଜରିମାନା ଦେବାକୁ ଦଣ୍ଡିତ କରାଯାଇଛି । ଯଦି ତାହା ନହୁଏ ତେବେ ୩୬୬ ଆଇପିସି ପାଇଁ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ସଶ୍ରମ କାରାଦଣ୍ଡ ପ୍ରଦାନ କରିବାକୁ ଦଣ୍ଡିତ କରାଯାଇଛି । ବିଚାରପତି, ପିଡିତାଙ୍କୁ ଫୁଲବାଣୀ ଆଇନସେବା ପ୍ରାଧିକରଣ ଜରିଆରେ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିବା ବେଳେ ତ୍ରିଲୋଚନ ପରିଡା, ଡିଡିପି କନ୍ଧମାଳ ଏବଂ ପୂର୍ଣ୍ଣ ଚନ୍ଦ୍ର ନାଗ, ପି.ପି.ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା କ୍ଷଏହି ମାମଲାର ତଦନ୍ତକାରୀ ଅଧିକାରୀ ପ୍ରମୋଦ କୁମାର ଜେନା ଏବଂ ତତ୍କାଳୀନ ଆଇଆଇସି ସୁକାନ୍ତ କୁମାର ସାହୁଙ୍କୁ ଏ ବାବଦରେ ଧନ୍ୟବାଦ ଦିଆଯାଇଛ ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୟାଗଡ଼(ନିପ୍ର): ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଶିକ୍ଷକ ମାନଙ୍କୁ ବରିଷ୍ଠତା ଭିତିରେ ପଦୋନ୍ନତି ଦିଆଯାଇଥିବା ବେଳେ ନାରାୟଣ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କୁ ରାବରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ ପଦୋନ୍ନତି ମିଳିଛି । ଗୁରୁବାର ଶ୍ରୀ ମିଶ୍ର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଜ୍ଞକ୍ଷ ପାରମିତା ସାହୁଙ୍କୁ ନିଜର ଦାୟିତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ଶ୍ରୀ ମିଶ୍ର ଗୋଦାବରୀଶ ବିଦ୍ୟାପୀଠ ବାଣପୁରରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିବା ପରେ ୨୦୦୬ ମସିହାରେ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳରେ ଯୋଗ ଦେଇଥିଲେ । ଏଠାରେ ଦୀର୍ଘ ୨୦ ବର୍ଷ ରହଣି ମଧ୍ୟରେ ବିଦ୍ୟାଳୟର ଶୃଙ୍ଖଳା ଓ ମେଧାବୀ ଛାତ୍ରଛାତ୍ରୀ ଗଠନରେ ନିଜକୁ ନିୟୋଜିତ କରି ସଫଳ ହୋଇପାରିଛନ୍ତି କ୍ଷ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ, ସସ୍ମିତା ସାହୁ, ପ୍ରତିଭା ମଞ୍ଜରୀ ସ୍ୱାଇଁ, ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ଚନ୍ଦନ ମଲିକ, ବିକାଶ କୁମାର ନାୟକ, ଦାମୋଦର ସାହୁ, ରଞ୍ଜନ କୁମାର ପୃଷ୍ଟି, ଗୌରାଙ୍ଗ ସାହୁ, ସୁକାନ୍ତି ସାହୁ, ଅନୁଭା ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗ୍ରାମ ଭାବେ ନଦିଗାଁ ଘୋଷିତ



ଧାମନଗର(ନିପ୍ର): ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ବିଜୁଳି ଯୋଜନା ଅନ୍ତର୍ଗତ ମଡେଲ ସୌର ଗ୍ରାମ କାର୍ଯ୍ୟକ୍ରମ ଅବସରରେ, ଗୁରୁବାର ଧାମନଗର ପଂଚାୟତ ସମିତି କାର୍ଯ୍ୟାଳୟଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାମନଗର ନିର୍ବାଚନ ମଣ୍ଡଳୀର ନଦିଗାଁ କୁ ଓଡ଼ିଶାର ପ୍ରଥମ ମଡେଲ ସୌର ଗ୍ରାମ ଭାବେ ଘୋଷଣା କରିଥିଲେ । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେଂନ୍ଦ୍ର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ନଦିଗାଁ ସରପଂଚ ଝରଣା ମାଝୀ, ଟିପିଏନ୍ଓଡିଏଲ୍‌ର ମୁଖ୍ୟ ଯନ୍ତ୍ରୀ (ସୋଲାରାଇଜେସନ୍) ରାଜୀବ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଭୂପେନ୍ଦ୍ର ନାଥ ସାହୁ ଏବଂ ଓରେଡା ଲିମିଟେଡ୍‌ର ସହକାରୀ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀମତୀ ଅସୀମା ଅରୁଣିମା ପ୍ରମୁଖ ଉପସ୍ଥିତ ଥିଲେ । ମଡେଲ୍ ସୌର ଗ୍ରାମ ଯୋଜନା ହେଉଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ସୌର ଶକ୍ତି ଆଧାରିତ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା । ଏହା ମାଧ୍ୟମରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଆଦର୍ଶ ସୌର ଗ୍ରାମ ଗଢ଼ି ତୋଳାଯିବ । ଏହି ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା । ଗତ ତିନି ମାସ ଧରି ଭଦ୍ରକ ଜିଲ୍ଲାର ୫,୦୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୨ଟି ଗ୍ରାମରେ ସୌର ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ଆକଳନ କରାଯାଇ ଥିଲା । ଏଥିରେ ନଦିଗାଁ ଗ୍ରାମ ୧୧୯ କିଲୋୱାଟ୍ ସୌର କ୍ଷମତା ସ୍ଥାପନ କରି ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ସଫଳତା ଆଧାରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଓ ଅନୁଦାନ ସହାୟତାରେ ଗ୍ରାମର ବିଭିନ୍ନ ସାର୍ବଜନୀନ ସ୍ଥାନରେ ସୌର ଭିତିକ ପ୍ରକଳ୍ପ ସ୍ଥାପନ କରାଯିବ । ଗ୍ରାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓରେଡା ଲିମିଟେଡ୍ ମାଧ୍ୟମରେ ସୌର ଷ୍ଟ୍ରିଟ୍ ଲାଇଟ୍, ସୌର ଜଳ ଯୋଗାଣ ବ୍ୟବସ୍ଥା, ସୌର ଶୀତତାପ ନିୟନ୍ତ୍ରିତ ସଂରକ୍ଷଣ କୋଠରୀ ସହ ଅନ୍ୟାନ୍ୟ ସୌରଚାଳିତ ଭିତିଭୂମି ପ୍ରକଳ୍ପ ସ୍ଥାପନ କରାଯିବ । ନଦିଗାଁ ଗ୍ରାମରେ ଟଖଇ ମଡେଲ୍ ସୋଲାରାଇଜେସନ୍ ପାଇଁ ମୋଟ ୧୯୫ଟି ପରିବାର ଯୋଗ୍ୟ ଥିବାବେଳେ ୧୧୫ଟି ପରିବାରରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି । ଅବଶିଷ୍ଟ ୮୦ଟି ପରିବାରକୁ ଶୀଘ୍ର ସୋଲାରାଇଜେସନ୍ ସମ୍ପନ୍ନ କରିବାକୁ ମାନ୍ୟବର ମନ୍ତ୍ରୀ ସରପଂଚଙ୍କ ଉପସ୍ଥିତିରେ ଉତ୍ସାହିତ କରିଛନ୍ତି । ସୋଲାରାଇଜେସନ୍‌କୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଟିପିଏନ୍ଓଡିଏଲ୍ ପକ୍ଷରୁ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ଏକ ସ୍ପଟ୍ ରେଜିଷ୍ଟ୍ରେସନ୍ ଡେସ୍କ ମଧ ଖୋଲାଯାଇଥିଲା, ଯେଉଁଠାରେ ଲୋକମାନେ ସିଧାସଳଖ ପଞ୍ଜୀକରଣ କରି ଯୋଜନାର ସୁବିଧା ପାଇପାରିବେ କାର୍ଯ୍ୟକ୍ରମରେ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ ।

# ଛତ୍ରପୁର ମହୋତ୍ସବର ତୃତୀୟ ସନ୍ଧ୍ୟା



ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.) : ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ସହିତ ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଦ୍ ?ଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଛତ୍ରପୁର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ଟିକେ ଟିକେ ଅଚିହ୍ନା ତୁ ଟିକେ ଟିକେ ଚିହ୍ନା, ଗଜଲ୍ ଗଜଲ୍, ବେଳ ବେଳେ ଭଲ ଲାଗେ, ହାଏ ତୋ ପ୍ରେମ ଭଳି ଓଡ଼ିଶାର ଘରେ ଘରେ ପରିଚିତ ସଂଗୀତ ଏବଂ କୁଳଦୀପ ପଟ୍ଟନାୟକଙ୍କ କେବେ ଆସି ତୁ , ତୁ ମୋରି ଦୁନିଆ, ସମ୍ମୋହିନୀ ସହିତ ବଲିଉଡର ଗୀତଗାଇ ଶ୍ରୋତାଙ୍କ ମନଜିଣିଥିଲେ । ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ,ସୋରଡ଼ା ବିଧାୟକ ନୀଳମଣି ବିଶୋଇ , ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କେରକେଟ୍ଟା, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ସଚିବ ରମେଶ ହାଁସଦା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଂଚଳ ବାସୀଙ୍କ ମଙ୍ଗଳ କାମନା କରିଛନ୍ତି । ଏହି ଅବସରରେ ଛତ୍ରପୁର ଅଂଚଳର ଗଣମାଧ୍ୟମର ପ୍ରତିନିଧି ଓ ଗଞ୍ଜାମର କୃତି ଛାତ୍ରଛାତ୍ରୀ ଶ୍ରେୟାଂଶ୍ରୀ ସାହୁ, ଦେବପ୍ରକାଶ ନନ୍ଦୀ, ଇସିକା ବେହେରା ଓ ଅଙ୍କିତ କୁମାର ଆଚାର୍ଯ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରଘୁନାଥ ନାଟ୍ୟ ସଂସଦ, ସାହାସପୁରର ରାମଲୀଳା, ନୃତ୍ୟାଞ୍ଜଳି ଇନଷ୍ଟିଚ୍ୟୁଟ୍, ଛତ୍ରପୁରର ଆଦିବାସୀ ନୃତ୍ୟ , ଡିଏସଆର କଲଚରାଲ୍ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ, ଛତ୍ରପୁର ର ଆଧୁନିକ ନୃତ୍ୟ, ନୃତ୍ୟମ କଳା ଗବେଷଣା କେନ୍ଦ୍ର, ହିଞ୍ଜିଳିକାଟୁର ଆଦିବାସୀ ନୃତ୍ୟ, ମା ମଙ୍ଗଳା ପାଲା ସଂସଦ, ମଧୁରଚୁଆର ପାଲା, ସଲମାନ ଡ୍ୟାନ୍ସ ଗ୍ରୁପ୍, ଛତ୍ରପୁର ର ସମ୍ବଲପୁରୀ ମିକ୍ସ ଏବଂ ଜିତେନ୍ଦ୍ର ଭୋଇ ଏଣ୍ଡ ଗ୍ରୁପ୍, କଳାହାଣ୍ଡିର ଘୁମୁରା ନୃତ୍ୟ ଦେଖଣାହାରୀଙ୍କୁ ବିମୋହିତ କରିଥିଲା ।ଗୁରୁବାର ଚତୁର୍ଥ ସନ୍ଧ୍ୟା ରେ ବଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀ ସାଚେତ ଓ ପରମ୍ପରା ତାସହିତ ଓଲିଉଡ୍ ହିରୋ ତଥା ଡ୍ୟାନ୍ସର ଶୈଳେନ୍ଦ୍ର ସାମନ୍ତରାୟ ଛତ୍ରପୁର ମହୋତ୍ସବରେ ଯୋଗଦେବେ ।

# ବୁଲା କୁକୁର ବନ୍ଧ୍ୟାକରଣ, ୧୩୫ ଦିନରେ ୨୧୯୯: ଲକ୍ଷ୍ୟର ୪୧.୫%



ବ୍ରହ୍ମପୁର (ନି.ପ୍ର.) : ସହରରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ସହ ଜନସୁରକ୍ଷା ଓ ପ୍ରାଣୀ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍ ?ସି) ପକ୍ଷରୁ ଚାଲିଥିବା ବନ୍ଧ୍ୟାକରଣ ଓ ଟିକାକରଣ ଅଭିଯାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଗତ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୧୩୫ ଦିନ ମଧ୍ୟରେ ୨୧୯୯ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସହ ଟିକାକରଣ କରାଯାଇଛି । ବିଏମ୍ ?ସି ସୂତ୍ରରୁ ପ୍ରକାଶ ଯେ, ବନ୍ଧ୍ୟାକରଣ ହୋଇଥିବା କୁକୁରଙ୍କ ମଧ୍ୟରୁ ୧୨୧୩ଟି ପୁରୁଷ ଓ ୯୮୬ଟି ମହିଳା କୁକୁର ରହିଛନ୍ତି । ଅସ୍ତ୍ରୋପଚାର ପରେ ସେମାନଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ଚିକିତ୍ସା ନିରୀକ୍ଷଣରେ ରଖାଯାଇ ସୁସ୍ଥ ହେବା ପରେ ପୁନର୍ବାର ସେମାନଙ୍କ ଅଂଚଳରେ ଛାଡ଼ି ଦିଆଯାଉଛି । ପୂର୍ବରୁ କରାଯାଇଥିବା ସର୍ଭେ ଅନୁସାରେ ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ଥିବା ଆକଳନ କରାଯାଇଥିଲା । ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବନ୍ଧ୍ୟାକରଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ପାଂଚ ମାସରେ ପ୍ରାୟ ୪୧. ୫ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଛି । ବର୍ତ୍ତମାନର ଗତି ଅବ୍ୟାହତ ରହିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲକ୍ଷ୍ୟ ପୂରଣ ହେବ ବୋଲି ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି । ମେୟର ସଂଘମିତ୍ରା ଦଳେଇ କହିଛନ୍ତି ଯେ, ବୈଜ୍ଞାନିକ ପଦ୍ଧତିରେ ବୁଲା କୁକୁରଙ୍କ ପରିଚାଳନା ମାଧ୍ୟମରେ ସହରକୁ ଅଧିକ ସୁରକ୍ଷିତ ଓ ସୁସଂଗଠିତ କରିବା ବିଏମ୍ ?ସିର ଲକ୍ଷ୍ୟ । ଏଥିପାଇଁ ସହରବାସୀଙ୍କ ସହଯୋଗ ଜରୁରୀ ବୋଲି ସେ କହିଛନ୍ତି । ବିଏମ୍ ?ସି କମିଶନର ଶ୍ରୀମତୀ ରେଡ୍ଡୀ କହିଛନ୍ତି ଯେ, ବନ୍ଧ୍ୟାକରଣ ଓ ଟିକାକରଣ ମାଧ୍ୟମରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ସହ ଜନସ୍ୱାସ୍ଥ୍ୟ ଏବଂ ପ୍ରାଣୀ କଲ୍ୟାଣକୁ ସମାନ ଗୁରୁତ୍ୱ ଦିଆଯାଉଛି । ଜନସଚେତନତା ଓ ଜନସହଯୋଗ ବୃଦ୍ଧି ପାଇଲେ ଅଭିଯାନ ନିଶ୍ଚିତ ଭାବେ ନିଜ ଲକ୍ଷ୍ୟରେ ପହଂଚିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଯାଂଚ ସମୟରେ କମିଟିର ଅଧ୍ୟକ୍ଷ ଓ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଡ଼. ଅରବିନ୍ଦ ବେହେରା, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଂଟ କମିଶନର ବିଭୂ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପରେ ଅସ୍ତ୍ରୋପଚାର ହୋଇଥିବା ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା

# ବନ୍ଦ ଥିବା ତିନି ମାସର ଭତା ଯଥା ଶୀଘ୍ର ପ୍ରଦାନ ପାଇଁ ସି ପି ଆଇ (ଏମ) ପକ୍ଷରୁ ଦାବିପତ୍ର ପ୍ରଦାନ

ନୀଳଗିରି(ନି.ପ୍ର.)କେନ୍ଦ୍ର ଓ ରାଜ୍ୟ ରେ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ତିନି ମାସ ହେବ ଭତା ଧାରୀ ମାନଙ୍କ ପାସ ବହି କୁ ଭତା ଟଙ୍କା ଆସୁନାହିଁ । ଫଳରେ ଗରିବ ବୃଦ୍ଧ/ ବୃଦ୍ଧା ମାନେ ବହୁ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି । ଯେଉଁ ମାନେ ଭତା ଉପରେ ନିର୍ଭର କରି ଚଳନ୍ତି ,ସେମାନଙ୍କ ର ଚୁଲି ଜଳୁ ନାହିଁ । ଏହାକୁ ଗୁରୁତ୍ୱ ର ସହ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟୀ (ମାର୍କ୍ସବାଦୀ) ନୀଳଗିରି ଆଂଚଳିକ କମିଟି ତରଫରୁ ଉପଜିଲ୍ଲାପାଳ ନୀଳଗିରି ଙ୍କୁ ଯଥା ଶୀଘ୍ର ଭତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ପରେ ଉପଜିଲ୍ଲାପାଳ ଙ୍କ ଅଫିସ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।ଆୟୋଜିତ ସଭା ରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଡବଲ ଇଞ୍ଜିନ ସରକାର ଗରିବ ଲୋକ ଙ୍କ ବିରୋଧି ସରକାର ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏ ସରକାର ଯାହା କୁହେ ତାର ଓଲଟା କରେ ବୋଲି କହିଥିଲେ । ଏ ସରକାର ସମୟରେ ଦରଦାମ୍ ବୃଦ୍ଧି ସହିତ ବେକାରୀ ସମସ୍ୟା ବଢୁଛି ।ଗରିବ ଲୋକ ମାନେ ଋଣ ଯନ୍ତା ରେ ପଡୁଛନ୍ତି । ଉକ୍ତ କାର୍ଯ୍ୟକ୍ରମ ରେ ଅମରେନ୍ଦ୍ର ନାୟକ, ପୁରୁଷୋତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଲକ୍ଷ୍ମୀଧର ସାହୁ, ନାରାୟଣ ଧାମୁଡିଆ, ମୃତ୍ୟୁଞ୍ଜୟ ନାୟକ, ପ୍ରଦୀପ ମିଶ୍ର, ଶ୍ୟାମ ସିଂ, ଭିମ ସିଂ ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ । ଯଦି ସାତ ଦିନ ଭିତରେ ଭତା ଧାରୀ ମାନଙ୍କ ଖାତା କୁ ଟଙ୍କା ନ ଆସେ ,ତେବେ ଦଳ ତରଫରୁ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦେଇ ଥିବା ଜଣା ଯାଇଛି ।

# ଦକ୍ଷିଣାଂଚଳ ଉପନିର୍ଦ୍ଦେଶକଙ୍କ ଛତ୍ରପୁର ଗସ୍ତ କାର୍ଯ୍ୟକ୍ରମ

ବ୍ରହ୍ମପୁର / ଛତ୍ରପୁର :ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (ଦକ୍ଷିଣାଂଚଳ) ବସନ୍ତ କୁମାର ପ୍ରଧାନ ଆଜି ଛତ୍ରପୁରସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ବ୍ରହ୍ମପୁରଠାରେ ଦକ୍ଷିଣାଂଚଳ ଉପନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଛତ୍ରପୁର ଗସ୍ତ ଥିଲା । ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ । ସେ ବିଭିନ୍ନ ରେଜିଷ୍ଟର, କର୍ମଚାରୀ ବିବରଣୀ, ନଥିପତ୍ର ଏବଂ ଦୃଶ୍ୟ-ଶ୍ରାବ୍ୟ ଯନ୍ତ୍ରପାତି ଅନୁଧ୍ୟାନ କରିଥିଲେ । ଏଥିସହ ସୂଚନା କେନ୍ଦ୍ର ଓ ପାଠାଗାରରେ ଉପଲବ୍ଧ ଖବରକାଗଜ, ପତ୍ରିକା, 'ଉତ୍କଳ ପ୍ରସଙ୍ଗ', 'ଓଡ଼ିଶା ରିଭ୍ୟୁ', 'ପ୍ରଗତି ପ୍ରବାହ' ଏବଂ ଅନ୍ୟାନ୍ୟ ପୁସ୍ତକର ଷ୍ଟକ୍ ରେଜିଷ୍ଟର ମଧ୍ୟ ଯାଂଚ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟ ସଠିକ୍ ଓ ସୁଚାରୁରୂପେ ସମ୍ପାଦିତ ହେଉଥିବା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହା ବ୍ୟତୀତ ସେ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ଉପନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ରାଜସ୍ୱ ସହାୟକ ଜଗନ୍ନାଥ ବେହେରା, ରୂପଶ୍ରୀ କବି, ଗ୍ରନ୍ଥାଗାରିକ ଶ୍ୟାମଘନ ପାତ୍ର, ରଜାକ ହୁସେନ, ମମତା ମହାନ୍ତି, ରାମମୂର୍ତ୍ତି ଆଚାରୀ, ଭାଗ୍ୟଲକ୍ଷ୍ମୀ ପାତ୍ର ଏବଂ ବଳରାମ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶିଷ୍ଟ ସମାଜସେବୀ ତଥା ପଂଚସଖା ଗଣନାଟ୍ୟର ସତ୍ତ୍ୱାଧିକାରୀ କାବୁ ପଣ୍ଡାଙ୍କ ଦେହାନ୍ତ

କଟକ (ନି.ପ୍ର.) ଜଣେ ମିଷ୍ଟଭାଷୀ, ଧର୍ମପରାୟଣ, ସମାଜସେବୀ,ସଂସ୍କୃତି ସମ୍ପର୍ଣ ବ୍ୟକ୍ତିତ୍ୱ ତଥା ପଂଚସଖା ଗଣନାଟ୍ୟର ସତ୍ତ୍ୱାଧିକାରୀ ବିଜୟ କୁମାର ପଣ୍ଡା (କାବୁ ପଣ୍ଡା) କଟକର ଜଗତପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ଗତ ୨୯ ତାରିଖ ( ଶୁକ୍ରବାର) ପ୍ରାତଃ ୬.୧୦ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଲେ । କାବୁ ପଣ୍ଡା ଓଡିଶା ଯାତ୍ରା ଜଗତର ଏକ ଜଣାଶୁଣା ନାମ । ୨୦୦୨ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ପଂଚସଖା



ଗଣନାଟ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ନାଟକ ପରିବେଷଣ ଦ୍ୱାରା କଳାପ୍ରେମୀ ମାନଙ୍କ ମାନସ ପଟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ । ପଂଚସଖା ଗଣନାଟ୍ୟ ଦ୍ୱାରା ପ୍ରଯୋଜିତ ଆଧୁନିକ ଓ ସାମାଜିକ ନାଟକଗୁଡିକ ମଧ୍ୟରେ ' କଟକି ଝିଅଟା ଅଟକି ଗଲା', ' ମା କାନ୍ଦେ ଲୁଚି ଲୁଚି', ' ବେଇମାନ' ଓ 'ସଜନୀ ଲାଜରେ ମୁଁ ଗଲି ମରି ' ବେଶ ସୁନାମ ଅର୍ଜନ କରିପାରିଥିଲେ । ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ । ତାଙ୍କର ପରିବାର ଓ ବନ୍ଧୁଗଣଙ୍କ ବହୁଚେଷ୍ଟା ସତ୍ତ୍ୱେ ତାଙ୍କୁ ଏହି ରୋଗରୁ ଉଦ୍ଧାର କରି ପାରିନଥିଲେ । ଶେଷ ସମୟରେ ତାଙ୍କ ନିକଟରେ ତାଙ୍କ ସହଧର୍ମିଣୀ,ଝିଅ ଆଦ୍ୟାଶ୍ରୀ , ପୁଅ ପୁରବ୍ , ଜେଷ୍ଠ ଭ୍ରାତା ବାବୁଲି, କନିଷ୍ଠ ଭ୍ରାତା ଅଜୁ ଓ ଅଶୋକ ଏବଂ ପୁତୁରା କାନ୍ହା ଓ ଭିକି ଉପସ୍ଥିତ ଥିଲେ । ତାଙ୍କର ମରଶରୀରକୁ ପ୍ରଥମେ କଟକ ବଙ୍ଗାଳୀସାହି ସ୍ଥିତ ବାସଭବନକୁ ଅଣାଯାଇଥିଲା ଏବଂ ତତ୍ପରେ ପୁରୀ ସ୍ୱର୍ଗଦ୍ୱାର କୁ ନିଆଯାଇଥିଲା । ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ପୁତ୍ର ପୁରବ୍ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ବେଳେ ତାଙ୍କର ୬୦ ବର୍ଷ ବୟସ ହୋଇଥିଲା । ଉକ୍ତ ଅନ୍ତେଷ୍ଟିକ୍ରିୟାରେ ତାଙ୍କର ପରିବାର ସହ ଶତାଧିକ ବନ୍ଧୁ ଓ ପ୍ରିୟଜନ ଯୋଗ ଦେବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ତାଙ୍କର ଅତିପ୍ରିୟ ଶଖା ଭାରତ ଭୂଷଣ ମହାପାତ୍ର, ଶୁଭକରଣ୍ , ମାନିନାନି ଓ ପ୍ରଭାତ ମହାନ୍ତି ଙ୍କ ସହ କିଶୋର ଦାସ, ଜୁବୁଲି, ଜୀତେନ୍ଦ୍ର ପଣ୍ଡା, ଟୁନୁ,ଗୁନେଇ,ପ୍ରତାପ, ହଗୁରା,ବୁବୁ ଲେଙ୍କା,ମହେଶ୍ ଦାଗା,ପ୍ରେମା, ମନୋଜ ଅକ୍ଷୟ,ବାବୁନା ଏବଂ ତପନ ଓ ଅଶୋକ ବିଶ୍ୱାସ ଶେଷକୃତ୍ୟ ସମ୍ପନ୍ନ ସମୟରେ ସ୍ୱର୍ଗଦ୍ୱାରଠାରେ ଉପସ୍ଥିତ ଥିଲେ ।

# ବେତନଟୀ ଶୁଖିଲାହାର ବନ୍ଧ ଆଡିରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ବେତନଟୀ (ନି.ପ୍ର) : ବେତନଟୀ ଶୁଖିଲାହାର ବନ୍ଧ ଆଡି ରୁ ଜୈନିକ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ବେତନଟୀ ପୁଲିସ । ମୃତ ଯୁବକଙ୍କ ନାମ ରଞ୍ଜନ ନାଏକ (୩୫) ତାଙ୍କ ଘର ବଡ଼ସାହି ଥାନା ଅଧିନ ଯୋଗିନୁଆଗାଁ ଗ୍ରାମପଂଚାୟତ ର ପଥରା ଗ୍ରାମ ର ନରେନ୍ଦ୍ର ନାଏକ ଙ୍କ ପୁଅ ବୋଲି ଜଣା ପଡିଛି ।ସୂଚନା ମୁତାବକ ବେତନଟୀ ଶୁଖିଲାହାର ବନ୍ଧ ଆଡି ରୁ ଜୈନିକ ଯୁବକଙ୍କ ମୃତଦେହ ପଡିଥିବାର ଦେଖି ସ୍ଥାନୀୟ ଲୋକ ବେତନଟୀ ପୁଲିସ କୁ ଖବର ଦେଇଥିଲେ । ବେତନଟୀ ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ଶବକୁ ଉଦ୍ଧାର କରି ବାରିପଦା ପି ଆର ଏମ ଡାକ୍ତରଖାନା କୁ ଶବ ବ୍ୟବଛେଦ ପାଇଁ ପଠାଇବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଯୁବକ ଙ୍କ ମୃତ୍ୟୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ପ୍ରାଥମିକ ତଦନ୍ତ ରୁ ପୋଲିସ ସନ୍ଦେହ କରିଛି । ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ମୃତ୍ୟୁ ର କାରଣ ଜଣାପଡିବ ।

# ୫ ବର୍ଷ ହେଲା ବାର୍ଦ୍ଧକ୍ୟ ଭତା ପାଇବାରୁ ବଂଚିତ

ସୋର, (ନି.ପ୍ର.)ସୋର ବ୍ଲକ ଗୋପୀନାଥପୁର ପଂଚାୟତ ଗଡ଼ସାହି ଗ୍ରାମର ଜଣେ ବୃଦ୍ଧା ୫ ବର୍ଷ ହେଲା ବାର୍ଦ୍ଧକ୍ୟ ଭତା ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି । ଏହି ଗ୍ରାମର ଗଣେଶ ପ୍ରସାଦ ଦାସଙ୍କ ପତ୍ନୀ ମନୋରମା ଦାସ(୬୬) ସରକାରଙ୍କ ନିକଟରେ ଗତ ୫ ବର୍ଷ ହେଲା ବାର୍ଦ୍ଧକ୍ୟ ଭତା ପାଇଁ ଆବେଦ କରିଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ । ସୂଚନାଯୋଗ୍ୟ ଯେ କି, ମନୋରମାଙ୍କର ସ୍ୱାମୀ ଗଣେଶ ପ୍ରସାଦ ବାର୍ଦ୍ଧକ୍ୟର ଚରମରେ ବି ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଦୁଃଖେ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି । ଏବେ ବୟସ ବଢିବା ସଂଗେ ସଙ୍ଗେ ଆଖିକୁ ଦେଖା ଯାଉନ ଥିବାରୁ ଅଧିକାଂଶ କାମ ଧନ୍ଦାକୁ ଯିପାରୁ ନାହାଁନ୍ତି । ମନୋରମା ସରକାରଙ୍କ ଯୋଜନାରେ ଭତା ପାଇଁ ଏ ଅଫିସ ସେ ଅଫିସ ହେବା ପରେ ସୋର ଜନଶୁଣାଣୀରେ ଜିଲ୍ଲାପାଳଙ୍କୁ ଗୁହାରି କରି ମଧ୍ୟ କିଛଇ ସୁଫଳ ପାଇପାରି ନାହାଁନ୍ତି ।

# ଝାରସୁଗୁଡ଼ାରେ ଭୋଟର ତାଲିକା ସଂଶୋଧନ ଅଭିଯାନ; ଏପର୍ଯ୍ୟନ୍ତ ୨୮% ପ୍ରକ୍ରିୟା ଶେଷ

ଝାରସୁଗୁଡ଼ା,(ନି.ପ୍ର.)ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଏବେ ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ଭାବେ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଜିଲ୍ଲାର ମୋଟ ୪୩୮୪୩୩ ଜଣ ଭୋଟରଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୮ପ୍ରତିଶତ ଭୋଟରଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇ ସାରିଲାଣି । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ ଓ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ବ୍ରଜବନ୍ଧୁ ଭୋଇ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବିଭିନ୍ନ ବୁଥ୍ ପରିଦର୍ଶନ କରି ଏନୁମେରେସନ ଫର୍ମ ବଂଟନ କାର୍ଯ୍ୟର ପ୍ରତ୍ୟକ୍ଷ ସମୀକ୍ଷା ଓ ତଦାରଖ କରୁଛନ୍ତି ।



ଅପରପକ୍ଷେ, ଉପ-ଜିଲ୍ଲାପାଳ ତଥା ରଜଙ ୦୭-ଝାରସୁଗୁଡ଼ା ଶ୍ରୀ ସବ୍ୟସାଚୀ ପଣ୍ଡା ମଧ୍ୟ ଝାରସୁଗୁଡ଼ା ପୌରାଂଚଳର ବିଭିନ୍ନ ବୁଥ୍ ?ରେ ଏହି ପ୍ରକ୍ରିୟାର ଅନୁଧ୍ୟାନ କରିଛନ୍ତି । ଏହି ସମୟରେ ବିଏଲଓ ମାନଙ୍କ ଦ୍ୱାରା ଭୋଟରମାନଙ୍କୁ ସୂଚନା ସଂଗ୍ରହ ପାଇଁ ଏନୁମେରେସନ ଫର୍ମ ବଂଟନ କରାଯାଉଛି । ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରଙ୍କ ନିକଟରେ ପହଂଚିବା ପାଇଁ ଘରକୁ ଘର ବୁଲି ଏହି ଫର୍ମ ବଂଟନ ପ୍ରକ୍ରିୟା ଜାରି ରହିଛି, ଯାହା ମାଧ୍ୟମରେ ଏପର୍ଯ୍ୟନ୍ତ ଜିଲ୍ଲାରେ ମୋଟ ୦୧,୨୨,୭୬୧ଟି ଏନୁମେରେସନ ଫର୍ମଂଚ ବଂଟନ କରାଯାଇସାରିଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ଯଥା ଆଦିବାସୀ ଅଧୁଷିତ, ଦୁର୍ଗମ ଅଂଚଳ ସମେତ ସହର ଓ ଗ୍ରାମାଂଚଳର ପ୍ରତିଟି ଘରକୁ ଯାଇ ବିଏଲଓମାନେ ପରିଗଣନା ଫର୍ମ ବଂଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି । ଭୋଟର ତାଲିକାକୁ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଓ ସଂଶୋଧିତ କରିବା ପାଇଁ ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ନିଯୁକ୍ତ ବୁଥ୍ ସ୍ତରୀୟ ଏଜେଂଟ ମାନେ ମଧ୍ୟ କ୍ଷେତ୍ର ସ୍ତରରେ ବିଏଲଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ।

# ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବେତନଟୀ (ନି ପ୍ର): ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ପଂଚାୟତର ନୂଆସାହି ଗ୍ରାମର ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ବୈଶିଙ୍ଗା ପୁଲିସ । ମୃତକ ହେଉଛନ୍ତି ଜୁଜା ମାଝିଙ୍କ ପତ୍ନୀ ସରସ୍ୱତୀ ମାଝି (୪୦) । ଘଟଣାସ୍ଥଳରେ ପୋଖରୀରେ ପାଣି ମାତ୍ର ଆଣ୍ଠୁ ପରିମାଣ ଥିବାରୁ ଆତ୍ମହତ୍ୟା ନୁହେଁ, ହତ୍ୟା ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି । ସରସ୍ୱତୀ ମାଝି ପୂର୍ବରୁ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅଂଚଳର ବାବୁ ମାଝିଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କର ସନ୍ତାନ ରହିଛନ୍ତି । ପ୍ରାୟ ଦୁଇ ବର୍ଷ ପୂର୍ବେ ସେ ଝାମ୍ପୁରା ଅଂଚଳର ଜୁଜା ମାଝିଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ଛଅ ମାସ ହେଲା ଏହି ଦମ୍ପତି ଗଡ଼ଦେଉଳିଆ ପଂଚାୟତର ପୋଖରୀସାହି ଗ୍ରାମରେ ସୁପଲ ସିଂହଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଘରେ ଭଡ଼ାରେ ରହୁଥିଲେ ।ଗ୍ରାମର କିଛି ଯୁବକଙ୍କ ସହିତ ଜୁଜା ମାଝି ଛତିଶଗଡ ରାଜ୍ୟକୁ କାମ କରିବାକୁ ଯାଇଥିବାରୁ ସରସ୍ୱତୀ ଗତ କିଛିଦିନ ହେବ ଘରେ ଏକୁଟିଆ ରହୁଥିଲେ । ବୁଧବାର ସକାଳେ ଗ୍ରାମବାସୀ ଶୌଚାଳୟ ପାଇଁ ଯାଇଥିବା ସମୟରେ ଭଡ଼ାଘର ପାର୍ଶ୍ୱରେ ଥିବା ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ । ଆଶ୍ଚର୍ଯ୍ୟଜନକ ଭାବେ ପୋଖରୀରେ ମାତ୍ର ଆଣ୍ଠୁ ପରିମାଣ ପାଣି ଥିଲା । ପୋଖରୀ ନିକଟରେ ସରସ୍ୱତୀଙ୍କ ଚପଲ ଏବଂ ମୋବାଇଲ୍ ଫୋନ୍ ମିଳିଥିବା ଜଣାପଡ଼ିଛି । ଗ୍ରାମବାସୀଙ୍କ ଠାରୁ ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଂଚି ଦମକଳ ବାହିନୀର ସହାୟତାରେ ମୃତଦେହ ଉଦ୍ଧାର କରିଥିଲା । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଏସ୍ ?ଆଇ ସରୋଜ ଜେନା ତଦନ୍ତ କରୁଛନ୍ତି । ମୃତକଙ୍କ ସ୍ୱାମୀ ଜୁଜା ମାଝିଙ୍କୁ ମଧ୍ୟ ଖବର ଦିଆଯାଇଛି । ଏହି ଘଟଣା ଗ୍ରାମରେ ଚର୍ଚ୍ଚାର ବିଷୟ ପାଲଟିଛି । ପୋଖରୀରେ କମ୍ ପାଣି ଥିବା ସତ୍ତ୍ୱେ ମୃତ୍ୟୁ କିପରି ହେଲା ତାହା ନେଇ ପ୍ରଶ୍ନ ଉଠିଛି । ପୁଲିସ ତଦନ୍ତରେ ହତ୍ୟା ସନ୍ଦେହ ସମେତ ଅନ୍ୟାନ୍ୟ କୋଣ ଯାଂଚ କରୁଛି । ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଶା କରାଯାଉଛି ।

# ରାସ୍ତା ମଝିରେ ଗଛ ଯୋଗୁଁ ମୃତ୍ୟୁ ହେଲାଣି ୫, ସାମାଜିକ କର୍ମୀଙ୍କ ଧାରଣା ପାଇଁ ଚେତାବନୀ

ନୀଳଗିରି(ନି.ପ୍ର.)ଶେରଗଡ - ନୀଳଗିରି - ଝରଣା ଘାଟି ରାଜ୍ୟ ରାଜପଥ - ୧୯ ର ୪ ଟିକିଆ ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟ ଶେଷ ପର୍ଯାୟରେ ପହଂଚି ଥିବାବେଳେ ଠିକାଦାର ରାସ୍ତାର ପିଚୁ କାର୍ଯ୍ୟ ଶେଷ ହୋଇଛି ।ମାତ୍ର ଉକ୍ତ ରାସ୍ତା ମଝିରେ କିଛି କିଛି ଗଛ ରହିଯାଇଥିବାରୁ ଅନ୍ଧାର ରାତିରେ ଯାନ ବାହନ ଯୋଗେ ଯାତାୟାତ କରୁଥିବା ପଥଚାରୀ ମାନେ ମୃତ୍ୟୁ ମୁଖରେ ପଡୁଛନ୍ତି ।ଏ ଭଳି ସମ୍ବେଦନଶୀଳ ଘଟଣା ପାଇଁ ସମାଜ ସେବୀ ତଥା ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି ସମସ୍ୟା ସମାଧାନ ନ ହେଲେ ଧାରଣାରେ ବସିବେ ବୋଲି ନୀଳଗିରି ରେଞ୍ଜ ଅଧିକାରୀଙ୍କ ମାଧ୍ୟମରେ ଡି.ଏଫ୍.ଓ.ବାଲେଶ୍ୱର ଙ୍କୁ ଅବଗତ କରିଛନ୍ତି । ବିବରଣୀ ଅନୁସାରେ, ରାଜ୍ୟ ରାଜପଥ -୧୯ ରେ ଯାନବହନ ଚଳାଚଳ ଗହଳିକୁ ଦୃଷ୍ଟିରେ ରଖି ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ର ପରାମର୍ଶ କ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୨୫ କୋଟି ଟଙ୍କାର ବ୍ୟୟବରାଦ ମଞ୍ଜୁର କରିଥିଲେ । ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟର ଅବଧି ଶେଷ ହେବା ସହ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ ପର୍ଯାୟରେ ପହଂଚି ଥିବାବେଳେ ବନ ବିଭାଗ ଆଜି ପର୍ଯ୍ୟନ୍ତ ରାସ୍ତା ମଝିରେ ଥିବା ଗଛ ଗୁଡ଼ିକୁ ଅପସାରଣ ବା କାଟି



ନାହାନ୍ତି । ଏ ସମସ୍ତ କାର୍ଯ୍ୟ ପାଇଁ ସରକାରୀ ଭାବେ ଆଦେଶ ଓ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ । ଏ ପରି କି, ପୋଡାଶୁଳ ବଜାର ଠାରୁ ଝରଣା ଘାଟି ପର୍ଯ୍ୟନ୍ତ ଦୀର୍ଘ ୨୩ କି. ମି. ରାସ୍ତା ମଧ୍ୟରେ ବହୁ ଗଛ ଗୁଡ଼ିକ ଦଣ୍ଡାୟ ମାନ ଅବସ୍ଥାରେ ରହିଛି ।ଯାହା ଫଳରେ ଏ ଗଛ ଗୁଡ଼ିକ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ଅଧିକାଂଶ ସମୟରେ ପଥଚାରୀ ମାନେ ଯାନ ବାହନ ଯୋଗେ ଯାତାୟାତ ବେଳେ ଗଛ ମାନଙ୍କରେ ଧକ୍କା ହୋଇ ଧନ ଜୀବନ ହାନି ଘଟୁଛି ।ବାଲେଶ୍ୱର ଜିଲ୍ଲା ବନ ବିଭାଗ ଏଥି ପ୍ରତି ଦୃଷ୍ଟି ନ ଦେଇ ଅଣଦେଖା କରୁଥିବାରୁ ନୀଳଗିରିର ସାମାଜିକ କର୍ମୀ ତଥା ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି ବାଲେଶ୍ୱର ଡି.ଏଫ୍.ଓ.ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏ ସଂପର୍କରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ,ଜିଲ୍ଲାପାଳ,ବାଲେଶ୍ୱର,ଏସ. ପି.ବାଲେଶ୍ୱର, ମୁଖ୍ୟ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ,ବାଲେଶ୍ୱର ଏବଂ ନୀଳଗିରି ଉପଜିଲ୍ଲାପାଳ ଙ୍କୁ ଅବଗତ କରାଯାଇଛି ।ଆସନ୍ତା ୧୫ ଦିନ ମଧ୍ୟରେ ଏ ଦିଗରେ ବିଭାଗୀୟ ପଦାଧିକାରୀ ଆଶୁ ସମାଧାନ ଉପରେ ବିହିତ ପଦକ୍ଷେପ ନ ନେଲେ ବାଧ୍ୟ ହୋଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଶିଷ୍ଟ ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକରେ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ବିଶିଷ୍ଟ ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଶୋକ ପ୍ରକାଶ କରିଛନ୍ତି । ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଟୁଇଟ କରିଛନ୍ତି । ଏଥିରେ ସେ କହିଛନ୍ତି, ସାହିତ୍ୟିକ ଡ. ଜଗନ୍ନାଥ ଦାସଙ୍କ ପରଲୋକ ସମ୍ବାଦ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନଥିଲେ, ବରଂ ଭାରତୀୟ ପ୍ରଶାସନିକ ସେବାର ଜଣେ ଦକ୍ଷ ଅଧିକାରୀ ଭାବେ ସେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟ ଓ ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ । ସାହିତ୍ୟର ପ୍ରତ୍ୟେକ ବିଭାଗରେ ନିଜର ସୃଜନଶୀଳତାର ସ୍ୱତନ୍ତ୍ର ଛାପ ଛାଡିଯାଇଥିବା ଜେ.ପି. ଦାସଙ୍କ ବିୟୋଗ ଆମ ସାରସ୍ୱତ ଜଗତପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦ୍ ?ଗତି କାମନା କରୁଛି । ସୂଚନାଯୋଗ୍ୟ, ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସଙ୍କ ୯୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଓଡ଼ିଶାରେ କଳା ଓ ସଂସ୍କୃତିର ବଡ଼ ଗବେଷକ ଥିଲେ । ଏଥି ସହିତ ସେ ବିଶିଷ୍ଟ ଓଡ଼ିଆ କବି, ନାଟ୍ୟକାର, କଳା ଐତିହାସିକ ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ଥିଲେ । ଐତିହାସିକ ଉପନ୍ୟାସ 'ଦେଶ କାଳ ପାତ୍ର' ଲେଖି ଖ୍ୟାତି ଅର୍ଜନ କରିଛନ୍ତି । ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ତାଙ୍କ ରଚିତ କବିତା ସଂକଳନ ମଧ୍ୟରେ 'ପ୍ରଥମ ପୁରୁଷ', 'ଆହ୍ନିକ' ଏବଂ 'ପରିକ୍ରମା' ଆଦି ପାଠକୀୟ ଆଦୃତି ଲାଭ କରିଛି । ନାଟକ କ୍ଷେତ୍ରରେ 'ସୂର୍ଯ୍ୟାସ୍ତ ପୂର୍ବରୁ' ଓ 'ସୁନ୍ଦର ଦାସ' ଏବଂ ଐତିହାସିକ ଉପନ୍ୟାସ 'ଦେଶ କାଳ ପାତ୍ର' ତାଙ୍କର ଅନ୍ୟତମ ଶ୍ରେଷ୍ଠ ସୃଷ୍ଟି ।

# କେରଳ ଛୁଇଁଲା ମୌସୁମୀ: ଓଡ଼ିଶାରେ ପ୍ରାକ୍ ମୌସୁମୀ ବର୍ଷା ସମ୍ଭାବନା



ନୂଆଦିଲ୍ଲୀ: ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ସହିତ ପାଣିପାଗରେ ବଡ଼ ପରିବର୍ତ୍ତନ ଦେଖାଦେଇଛି । କେରଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଥିବା ବେଳେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସେଠାକାର ୩ଟି ଜିଲ୍ଲା ପାଇଁ 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି । ଏଥିସହିତ, ଓଡ଼ିଶାରେ ମଧ୍ୟ ପ୍ରାକ୍-ମୌସୁମୀ ବର୍ଷା ଏବଂ ଆଗାମୀ ଦିନରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଦିଆଯାଇଛି । ଓଗଡ଼ର ସୂଚନା ଅନୁଯାୟୀ, କେରଳର ଅଧିକାଂଶ ଭାଗରେ ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷା ହେଉଛି । ବିଶେଷ କରି ୩ଟି ପ୍ରମୁଖ ଜିଲ୍ଲାରେ ବନ୍ୟା ଏବଂ ଭୂସ୍ଖଳନ ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆରବ ସାଗର ଏବଂ ବଙ୍ଗୋପସାଗର ଆଡ଼କୁ ଅଗ୍ରସର ହେଉଛି । ଓଡ଼ିଶାବାସୀଙ୍କ ପାଇଁ ମଧ୍ୟ ପାଣିପାଗ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଆଲର୍ଟ ଜାରି କରିଛି । ମୌସୁମୀ ବାୟୁ କେରଳ ଛୁଇଁବା ପରେ ବଙ୍ଗୋପସାଗରରେ ସକ୍ରିୟତା ବଢ଼ିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାକୁ ଯାଉଛି । ରାଜ୍ୟର ଅନେକ ଜିଲ୍ଲାରେ ଆଜି କାଳବୈଶାଖୀ ଜନିତ ବର୍ଷା, ବଜ୍ରପାତ ଏବଂ ୪୦-୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆସନ୍ତା କିଛି ଦିନ ମଧ୍ୟରେ ଓଡ଼ିଶାରେ ପ୍ରାକ୍-ମୌସୁମୀ ବର୍ଷାର ପରିମାଣ ବୃଦ୍ଧି ପାଇବ, ଯାହାଫଳରେ ଗ୍ରୀଷ୍ମ ପ୍ରବାହ ଏବଂ ଅସହ୍ୟ ଗୁଳୁଗୁଳିରୁ ତ୍ରାହି ମିଳିବ । ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ମୌସୁମୀ ଓଡ଼ିଶା ଛୁଇଁବା ନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ।



# ଓଡ଼ିଶାରେ ବିଜେପି ବିଜୟର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବିଜେପିର ଓଡ଼ିଶା ବିଜୟକୁ ଦୁଇ ବର୍ଷ । ୨୦୨୪ ଜୁନ୍ ୪ରେ ନବୀନଙ୍କ ଦୀର୍ଘ ୨୪ ବର୍ଷର ଅପରାଜେୟ ଯାତ୍ରାରେ ବିରାମ ଲଗାଇ, ଓଡ଼ିଶାରେ ପ୍ରଥମ ଥର ଏକାକୀ ସରକାର ଗଢିଥିଲା ବିଜେପି । ବିଜୟର ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ପୋଷ୍ଟ କରି ମୋହନ ଲେଖିଛନ୍ତି ଯେ, ଆଜି ଜୁନ୍ ୪ ତାରିଖ, ଓଡ଼ିଶାର ରାଜନୈତିକ ଇତିହାସରେ ଏକ ଯୁଗାନ୍ତକାରୀ ଓ ଗୌରବମୟ ଦିବସ । ଦୁଇ ବର୍ଷ ପୂର୍ବେ ଆଜିର ଦିନରେ ଆପଣମାନେ ପରିବର୍ତ୍ତନର ସଂକଳ୍ପ ନେଇ ଭାରତୀୟ ଜନତା ପାର୍ଟି ସପକ୍ଷରେ ଏକ ଐତିହାସିକ ଓ ସ୍ୱଷ୍ଟ ଜନମତ ପ୍ରଦାନ କରିଥିଲେ । ଆପଣଙ୍କର ସେହି



ପବିତ୍ର ଜନମତ କେବଳ ଏକ ଶକ୍ତିଶାଳୀ ସରକାର ଗଠନ କରିନାହିଁ, ବରଂ ଦୀର୍ଘ ଦିନର ସ୍ଥାଣୁତାକୁ ଭାଙ୍ଗି ଏକ ସ୍ୱଚ୍ଛ, ସମୃଦ୍ଧ ଓ ପ୍ରଗତିଶୀଳ ଓଡ଼ିଶା ନିର୍ମାଣର ମୂଳଦୁଆ ସ୍ଥାପନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରି ମୋହନ ଲେଖିଛନ୍ତି ଯେ, ମୋଦିଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଡବଲ୍ ଇଞ୍ଜିନ ସରକାର ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟର ସମନ୍ୱୟରେ ଓଡ଼ିଶାରେ ବିକାଶର ଏକ ନୂତନ ଯୁଗର ସୂତ୍ରପାତ କରିଛି । ଆମ ସରକାର ପ୍ରଶାସନିକ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଜନକଲ୍ୟାଣକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ରାଜ୍ୟର ପ୍ରତ୍ୟେକ ଶ୍ରେଣୀର ନାଗରିକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସଂପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି । ଆପଣଙ୍କର ଅତୁଟ ବିଶ୍ୱାସ ଓ ଆସ୍ଥା ଆମ ସଂକଳ୍ପକୁ ଆହୁରି ଦୃଢ଼ ଓ ଶକ୍ତିଶାଳୀ କରିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେବା ଏବଂ ବିକାଶ ମାଧ୍ୟମରେ ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ଦିଗରେ ଆମେ ନିରନ୍ତର ଆଗେଇ ଚାଲିଛୁ । ଆସନ୍ତୁ, ଆମେ ସମସ୍ତେ ମିଳିତ ଭାବେ 'ବିକଶିତ ଭାରତ' ସହିତ 'ସମୃଦ୍ଧ ଓଡ଼ିଶା' ଗଠନର ଏହି ମହାଯଜ୍ଞରେ ସାମିଲ ହୋଇ ଆମ ପ୍ରିୟ ଓଡ଼ିଶାକୁ ସମୃଦ୍ଧିର ଶୀର୍ଷରେ ପହଂଚାଇବା । ବନ୍ଦେ ଉତ୍କଳ ଜନନୀ ।

# ଶିଲଂଠାରେ ଉତର-ପୂର୍ବ ପରିଷଦର ୭୩ତମ ପୂର୍ଣ୍ଣାଙ୍ଗ ଅଧିବେଶନରେ ଅଧ୍ୟକ୍ଷତା କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସହଯୋଗ ମନ୍ତ୍ରୀ, ଶ୍ରୀ ଅମିତ




ଶାହ, ଉତର-ପୂର୍ବାଂଚଳର ୭୩ତମ ପୂର୍ଣ୍ଣାଙ୍ଗ ଅଧିବେଶନର ଅଧ୍ୟକ୍ଷତା କରିଥିଲେ ମେଘାଳୟର ରାଜଧାନୀ ଶିଲଂରେ ପରିଷଦ (ଘରଉ) । ଏହି ବୈଠକରେ କେନ୍ଦ୍ର ଉତର-ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରୀ (ଗଉଝଘରଜ) ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ମେଘାଳୟର ରାଜ୍ୟପାଳ ଶ୍ରୀ ସି. ଏଚ୍. ବିଜୟଶଙ୍କର; ମେଘାଳୟର ମୁଖ୍ୟମନ୍ତ୍ରୀ ଶ୍ରୀ କନରାଡ ସାଙ୍ଗମା; କେନ୍ଦ୍ର ଉତର-ପୂର୍ବ କ୍ଷେତ୍ର ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁକାନ୍ତ ମଜୁମଦାର; କେନ୍ଦ୍ର ଗୃହ ସଚିବ ଶ୍ରୀ ଗୋବିନ୍ଦ ମୋହନ ଏବଂ ଉତର-ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରଣାଳୟ ସଚିବ ଶ୍ରୀ ସଞ୍ଜୟ ଜାଜୁ ଯୋଗ ଦେଇଥିଲେ । ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ତ୍ରିପୁରା, ମିଜୋରାମ, ନାଗାଲାଣ୍ଡ ଏବଂ ସିକିମର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହିତ ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ଉଦବୋଧନ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସହଯୋଗ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଉତର-ପୂର୍ବର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରିତ ପ୍ରୟାସ କରାଯାଇଛି । ସେ କହିଥିଲେ ଯେ ଏହି ସମୟ ମଧ୍ୟରେ ପକାଯାଇଥିବା ଦୃଢ଼ ଭିତିଭୂମି ଉପରେ ଏକ ବିକଶିତ ଉତର-ପୂର୍ବ ବର୍ତ୍ତମାନ ନିର୍ମିତ ହେଉଛି ଏବଂ ଏହି ଅଂଚଳର ସମସ୍ତ ରାଜ୍ୟ ଗତ ୧୨ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଗୁଣାତ୍ମକ ପରିବର୍ତ୍ତନ ଦେଖିଛନ୍ତି । ଶ୍ରୀ ଶାହ କହିଛନ୍ତି ଯେ, ଶ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟତୀତ, ହୁଏତ ଏପରି କୌଣସି ପ୍ରଧାନମନ୍ତ୍ରୀ ନାହାନ୍ତି ଯିଏ ଉତର-ପୂର୍ବାଂଚଳର ବିକାଶ ପ୍ରତି ଏତେ ନିରନ୍ତର ଧ୍ୟାନ ଏବଂ ପ୍ରତିବଦ୍ଧତା ସହିତ କାମ କରିଛନ୍ତି । ଶ୍ରୀ ଅମିତ ଶାହ କହିଛନ୍ତି ଯେ ବିକାଶର ମୂଳଦୁଆ କେବଳ ଭଲ ଆଇନ ଶୃଙ୍ଖଳା ଏବଂ ସାମାଜିକ ସଦ୍ଭାବର ସ୍ତମ୍ଭ ଉପରେ ସ୍ଥାପନ କରାଯାଇପାରିବ । ସେ ଉଲ୍ଲେଖ କରିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ, ଉତର-ପୂର୍ବାଂଚଳରେ ବିଭିନ୍ନ ବିବାଦର ସମାଧାନ ପାଇଁ ୧୨ ରୁ ଅଧିକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି ଏବଂ ୧୦,୮୦୦ ରୁ ଅଧିକ ଯୁବକଙ୍କୁ ଅସ୍ତ୍ର ଛାଡି ମୁଖ୍ୟଧାରାରେ ସାମିଲ କରାଯାଇଛି । ଶ୍ରୀ ଶାହ କହିଛନ୍ତି ଯେ ମୋଦି ସରକାର ଉତର-ପୂର୍ବାଂଚଳକୁ ବିଦ୍ରୋହର କବଳରୁ ମୁକ୍ତ କରିଛନ୍ତି । ସେ କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଏହି ଅଂଚଳରେ ବ୍ୟବସ୍ଥିତ ଭିତିଭୂମି ବିକାଶ ହୋଇଛି ଏବଂ ଉନ୍ନତ ରେଳ, ସଡ଼କ ଏବଂ ବିମାନ ସଂଯୋଗୀକରଣ ଦିଲ୍ଲୀ ଏବଂ ଉତର-ପୂର୍ବାଂଚଳ ମଧ୍ୟରେ ଦୂରତାକୁ ବହୁ ଗୁଣ ହ୍ରାସ କରିଛି ।

# ଏନ୍‌ସିଇଆରଟି ସିଇଇ-୨୦୨୬ ପାଇଁ ଅନଲାଇନ୍ ଆବେଦନର ଶେଷ ତାରିଖ ୭ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର : ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଆୟୋଜିତ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)-୨୦୨୬ ପାଇଁ ଅନଲାଇନ୍ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲର ଶେଷ ତାରିଖ ବୃଦ୍ଧି କରାଯାଇଛି । ଆଗ୍ରହୀ ପ୍ରାର୍ଥୀମାନେ ୭ ଜୁନ୍ ୨୦୨୬ ରାତି ୧୧ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଅନଲାଇନ୍ ପଞ୍ଜୀକରଣ ସମ୍ପୂର୍ଣ୍ଣ କରି ନିଜର ଆବେଦନପତ୍ର ଦାଖଲ କରିପାରିବେ । ଏନ୍ସିଇଆର୍ଟିର ଆଂଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ପରିଚାଳିତ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମଲେଖା ପାଇଁ ସିଇଇ-୨୦୨୬ ଆୟୋଜିତ ହେଉଛି । ଅଧିକ ସଂଖ୍ୟକ ଯୋଗ୍ୟ ପ୍ରାର୍ଥୀଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ସହ ଯେଉଁମାନେ ଏପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ସମାପ୍ତ କରିପାରିନାହାନ୍ତି ସେମାନଙ୍କୁ ଅତିରିକ୍ତ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ସମୟସୀମା ବୃଦ୍ଧି କରାଯାଇଛି । ଏନ୍ସିଇଆର୍ଟି ପକ୍ଷରୁ ଘୋଷଣା କରାଯାଇଛି ଯେ, ୮ ଜୁନ୍ ୨୦୨୬ ଠାରୁ ୯ ଜୁନ୍ ୨୦୨୬ ରାତି ୧୧ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଆବେଦନପତ୍ରରେ ସଂଶୋଧନ ପାଇଁ ବିଶେଷ ସୁବିଧା ଉପଲବ୍ଧ ରହିବ । ଏହି ଅବଧି ମଧ୍ୟରେ ପ୍ରାର୍ଥୀମାନେ ଅନଲାଇନ୍ ଆବେଦନପତ୍ରରେ ଦାଖଲ କରିଥିବା ବ୍ୟକ୍ତିଗତ ସୂଚନା ଯାଂଚ କରି ଆବଶ୍ୟକ ସଂଶୋଧନ କରିପାରିବେ । ଏଥିପାଇଁ ସେମାନଙ୍କୁ ନିଜର ଲଗ୍-ଇନ୍ ବିବରଣୀ ବ୍ୟବହାର କରି ସିଇଇ-୨୦୨୬ ପୋର୍ଟାଲରେ ପ୍ରବେଶ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀମାନେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ଆବେଦନପତ୍ରର ଅନ୍ତିମ ଦାଖଲ ପ୍ରକ୍ରିୟା ସମାପ୍ତ କରିନାହାନ୍ତି, ସେମାନଙ୍କୁ ସଂଶୋଧିତ ଶେଷ ତାରିଖ ପୂର୍ବରୁ ଆବେଦନ ପ୍ରକ୍ରିୟା ପୂରଣ କରିବାକୁ ପରାମର୍ଶ ଦିଆଯାଇଛି । ନିର୍ଦ୍ଧାରିତ ସମୟସୀମା ଅତିକ୍ରମ ହେବା ପରେ ପଞ୍ଜୀକରଣ କିମ୍ବା ଆବେଦନପତ୍ର ଦାଖଲ ସମ୍ପର୍କିତ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ । ଏନ୍ସିଇଆର୍ଟି ପକ୍ଷରୁ ସ୍ୱଷ୍ଟ କରାଯାଇଛି ଯେ, ଆବେଦନର ଶେଷ ତାରିଖ ବୃଦ୍ଧି କିମ୍ବା ସଂଶୋଧନ ସୁବିଧା ସମ୍ପର୍କିତ କୌଣସି ପୃଥକ ସୂଚନା ବ୍ୟକ୍ତିଗତ ଭାବେ ପ୍ରାର୍ଥୀମାନଙ୍କୁ ପଠାଯିବ ନାହିଁ । ତେଣୁ ପରୀକ୍ଷା ସମ୍ବନ୍ଧୀୟ ସର୍ବଶେଷ ସୂଚନା, ବିଜ୍ଞପ୍ତି ଏବଂ ନିର୍ଦ୍ଦେଶାବଳୀ ପାଇଁ ପ୍ରାର୍ଥୀମାନଙ୍କୁ ନିୟମିତ ଭାବେ ସିଇଇ-୨୦୨୬ର ଅଧିକୃତ ୱେବସାଇଟ୍ cee.ncert.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି ।

# ଆଇଜିଆଇଟି ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ବିକାଶ ତଥା ଢେଙ୍କାନାଳ ଓ ଅନୁଗୋଳ ଭଳି ଶିଳ୍ପାଂଚଳର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଢେଙ୍କାନାଳ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' (ଆଇଜିଆଇଟି), ସରାଙ୍ଗକୁ ଏକ ସ୍ୱତନ୍ତ୍ର ଏକକ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ୍ କରିବା ପାଇଁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ବଜେଟ୍ ୨୦୨୬-୨୭ରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଏବଂ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)କୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ



କରିବା ପାଇଁ ନିଆଯାଇଥିବା ନିଷ୍ପତି ପ୍ରଶଂସନୀୟ । ଏହି କ୍ରମରେ ଆଇଜିଆଇଟି, ସରାଙ୍ଗକୁ ମଧ୍ୟ ସମାନ ଭାବେ ଉନ୍ନତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୮୨ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ପ୍ରାୟ ୪୫ ବର୍ଷର ଏକ ସମୃଦ୍ଧ ସେବା ଓ ଗୌରବର ଇତିହାସ ରହିଛି । ଏହା ବର୍ତ୍ତମାନ ୟୁଜିସି ଦ୍ୱାରା ସ୍ୱୟଂଶାସିତ ମାନ୍ୟତା ପ୍ରାପ୍ତ, ଏଆଇସିଟିଇ ଦ୍ୱାରା ଅନୁମୋଦିତ ଏବଂ ଏନବିଏ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟ । ଏହା ସହିତ ଏହି ଅନୁଷ୍ଠାନ ବୈଷୟିକ ଶିକ୍ଷା ଗୁଣବତା ସୁଧାର କାର୍ଯ୍ୟକ୍ରମ (ଟିଇକ୍ୟୁଆଇପି) ଦ୍ୱାରା ମଧ୍ୟ ସହାୟତା ପ୍ରାପ୍ତ, ଯାହା ଏହାର ଶିକ୍ଷାଗତ ବିଶ୍ୱସନୀୟତା ଓ ସାଂଗଠନିକ ଦକ୍ଷତାକୁ ଦର୍ଶାଉଛି । ଏହି ପ୍ରତିଷ୍ଠିତ ଅନୁଷ୍ଠାନରେ ପିଏଚ.ଡି, ଏମ.ଟେକ, ଏମସିଏ, ବି.ଟେକ, ବ୍ୟାଚଲର ଅଫ୍ ଆର୍କିଟେକଚର , ଏମ.ଏସସି ଏବଂ ଡିପ୍ଲୋମା ଭଳି ବିଭିନ୍ନ ଉଚ୍ଚକୋଟୀର ପାଠ୍ୟକ୍ରମର ସୁବିଧା ରହିଛି । ଏସବୁ ଯୋଗ୍ୟତାସମ୍ପନ୍ନ ଓ ଅଭିଜ୍ଞ ଅଧ୍ୟାପକ ତଥା ଦୃଢ଼ ଏକାଡେମିକ ଭିତିଭୂମି ଦ୍ୱାରା ପରିଚାଳିତ ହେଉଛି । ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏହି ଅନୁଷ୍ଠାନ ଆଇଆଇଟି, ବମ୍ବେ ସହ ଏହାର 'ଭର୍ଚୁଆଲ ଲ୍ୟାବ୍' କାର୍ଯ୍ୟକ୍ରମ ପାଇଁ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏଡି) ସହ ଇଂଟର୍ନସିପ୍ ସୁଯୋଗ କ୍ଷେତ୍ରରେ ସଫଳତାର ସହ ଭାଗିଦାରୀ ରଖିଛି । ଆଇଜିଆଇଟି ସରାଙ୍ଗ, ଢେଙ୍କାନାଳ ଏବଂ ଅନୁଗୋଳର ବୃହତ ଶିଳ୍ପାଂଚଳ ମଧ୍ୟରେ ଅବସ୍ଥିତ ଥିବାରୁ ଏହା ଶିଳ୍ପ ଆଧାରିତ ଜ୍ଞାନ, ଗବେଷଣା, ଇନୋଭେସନ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ପରିସଂସ୍ଥାନକୁ ଅଧିକ ବ୍ୟାପକ କରାଇବାର ମଧ୍ୟ ସମ୍ଭାବନା ରଖୁଛି । ଏହାକୁ ଏକକ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିଲେ ଅନୁଷ୍ଠାନର ଏକାଡେମିକ ସ୍ୱାୟତତା ବୃଦ୍ଧି ପାଇବ, ଉନ୍ନତ ଗବେଷଣା ଓ ଇନୋଭେସନକୁ ପ୍ରୋତ୍ସାହନ ମିଳିବ ।

# କେନ୍ଦ୍ର ସରକାରଙ୍କ ୧୨ ବର୍ଷ ସଫଳତା ପ୍ରଚାର ପାଇଁ ଆଇଏମପିସିସି ବୈଠକ





ଭୁବନେଶ୍ୱର : କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା 'ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି' (ଆଇଏମପିସିସି) - ଓଡ଼ିଶା ମଣ୍ଡଳର ମାସିକ ବୈଠକ ଆଜି ଭୁବନେଶ୍ୱରସ୍ଥିତ ଏନଏବିଏମ - ପ୍ରସାର ଭାରତୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ "ଏନଡିଏ ସରକାରଙ୍କ ୧୨ ବର୍ଷ: ସଫଳତା, ଉପଲବ୍ଧି ଓ ମାଇଲଖୁଂଟ" ଅଭିଯାନର ପ୍ରଚାର ଓ ଜନସମ୍ପର୍କ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା, ସରକାରୀ ବିଭାଗ ଏବଂ ଜନସମ୍ପର୍କ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଗତ ୧୨ ବର୍ଷ ମଧ୍ୟରେ ଭାରତ ସରକାରଙ୍କ ସଫଳତା ଏବଂ ପରିବର୍ତ୍ତନମୂଳକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅଭିଭାଷଣରେ ଶ୍ରୀ ମିଶ୍ର ପରସ୍ପର ବୁଝାମଣା, ସହଯୋଗ ଓ ସୁଶାସନକୁ ସୁଦୃଢ଼ କରିବାରେ ସଂଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଫ୍ରେଂଚ ଲେଖକ ଆଲବର୍ଟ କାମସଙ୍କ ୧୯୫୭ ମସିହାର କ୍ଷୁଦ୍ର ଗଳ୍ପ "ଦ ସାଇଲେଂଟ ମ୍ୟାନ୍"ର ଉଦାହରଣ ଦେଇ କହିଥିଲେ ଯେ ନୀରବତା ମଧ୍ୟ ଏକ ପ୍ରକାର ସଂଯୋଗ ହୋଇପାରେ, କିନ୍ତୁ ଏହାର ଯଥୋଚିତ ସମାଧାନ ନ ହେଲେ ସଂସ୍ଥା ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିପାରେ । ନିରନ୍ତର ସଂଳାପ ଓ ଜନସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ଅଧିକାରୀମାନଙ୍କୁ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କିତ ସୂଚନାକୁ ସକ୍ରିୟ ଭାବେ ପ୍ରସାର କରିବାକୁ ଆହ୍ୱାନ ଜଣାଇଥିଲେ । ନାଗରିକମାନଙ୍କ ନିକଟରେ ସୂଚନା ପହଂଚାଇବା ଓ ସୂଚନାଗତ ବ୍ୟବଧାନ ଦୂର କରିବା ପାଇଁ ବିଭିନ୍ନ ଯୋଗାଯୋଗ ସଂସ୍ଥା ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ ବୋଲି ସେ କହିଥିଲେ । ବୈଠକରେ ସଦସ୍ୟମାନେ ନିଜ ନିଜ ସଂସ୍ଥା ପକ୍ଷରୁ ଗ୍ରହଣ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟକଳାପ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିବା ସହିତ ଉତମ ଅଭ୍ୟାସ, ସଫଳତା ଏବଂ ନବୀନ ପ୍ରଚାର ପ୍ରୟାସ ସମ୍ପର୍କରେ ଅବଗତ କରାଇଥିଲେ ।

# ଧାନମଣ୍ଡଳ-କପିଳାସ ରୋଡ଼ ସେକ୍ସନରେ ବ୍ରିଜ୍ ପୁନଃନିର୍ମାଣ କାର୍ଯ୍ୟ ହେତୁ ଯାତ୍ରୀବାହୀ ଟ୍ରେନ୍ ବାତିଲ୍

ଭୁବନେଶ୍ୱର : ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନରେ ଥିବା ଧାନମଣ୍ଡଳ-କପିଳାସ ରୋଡ଼ ସେକ୍ସନରେ ପଥର ସ୍ଲାବ୍ ବ୍ରିଜ୍ ଗୁଡ଼ିକର ପୁନଃନିର୍ମାଣ କାର୍ଯ୍ୟକୁ ସହଜ କରିବା ପାଇଁ, ପୂର୍ବତଟ ରେଳପଥ ଦ୍ୱାରା ଜୁନ୍ ଏବଂ ଜୁଲାଇ ୨୦୨୬ ମାସ ମଧ୍ୟରେ ରେଳ ସୁରକ୍ଷା ବୃଦ୍ଧି ଏବଂ ରେଳ ପରିଚାଳନାରେ




ଉନ୍ନତି ଆଣିବା ନିମନ୍ତେ ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବ । ଫଳସ୍ୱରୂପ, ନିମ୍ନଲିଖିତ ମେମୁ ଟ୍ରେନ୍ ସେବାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ବାତିଲ୍ ରହିବ: ଟ୍ରେନ୍ ନଂ ୬୮୪୨୪/୬୮୪୨୩ କଟକ-ଭଦ୍ରକ-କଟକ ମେମୁ ଜୁନ୍ ମାସର ୦୫, ୧୨, ୧୯, ୨୬ ତାରିଖରେ ଏବଂ ଜୁଲାଇ ୦୩ ତାରିଖରେ ବାତିଲ୍ ରହିବ । ଟ୍ରେନ୍ ନଂ ୬୮୪୩୮/୬୮୪୩୭ କଟକ-ଭଦ୍ରକ-କଟକ ମେମୁ ଜୁନ୍ ମାସର ୦୫, ୧୨, ୧୯, ୨୬ ତାରିଖରେ ଏବଂ ଜୁଲାଇ ୦୩ ତାରିଖରେ ବାତିଲ୍ ରହିବ । ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନ ଗୁଡ଼ିକ ସମ୍ପର୍କରେ ଅବଗତ ହେବାକୁ ଏବଂ ସେହି ଅନୁଯାୟୀ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅଦ୍ୟତନ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' (NTES) କିମ୍ବା ସରକାରୀ ରେଳ ଅନୁସନ୍ଧାନ ପ୍ରଣାଳୀର ସହାୟତା ନେଇପାରିବେ ।

# ୧୨ରୁ ଟି-ଟ୍ୱେଂଟି ବିଶ୍ୱକପ ମୁକାବିଲା : ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଇଣ୍ଡିଆ

ନୂଆଦିଲ୍ଲୀ : କ୍ରିକେଟର ଲୋକପ୍ରିୟତା ବିଶ୍ୱରେ ବଢ଼ି ବଢ଼ି ଚାଲିଛି । ବିଶେଷ କରି ଟି-ଟ୍ୱେଂଟିର ଆଦର ଦ୍ରୁତ ବେଗରେ ବଢୁଛି । ମହିଳା କ୍ରିକେଟ ବି ପଛରେ ପଡ଼ିନି । ମହିଳା ଟି-ଟ୍ୱେଂଟିକୁ ନେଇ ଉତ୍ସାହ ପୂର୍ବାପେକ୍ଷା ଊର୍ଦ୍ଧ୍ୱମୁଖୀ ହୋଇଛି । ବିଶେଷ କରି ଭାରତୀୟ ପ୍ରଶଂସକ ଅଧିକ ଗୁରୁତ୍ୱ ଦେଲେଣି । ପ୍ରତି ୨ ବର୍ଷରେ ଆୟୋଜିତ ହେଉଛି ମହିଳା ଟି-ଟ୍ୱେଂଟି ବିଶ୍ୱକପ୍ । ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହେବ ଏହାର ଦଶମ ସଂସ୍କରଣ । ଯାହାକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ପ୍ରସ୍ତୁତି ଶେଷ ହୋଇଛି । କେବଳ ମହାସମରକୁ ଅପେକ୍ଷା । ବିଶ୍ୱକପ୍ ଜୁନ ୧୨ରୁ ଆରମ୍ଭ ହୋଇ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଇଂଲଣ୍ଡ ଏଥର ଆୟୋଜକ ରହିଛି । ମୋଟ୍ ୧୨ଟି ଦଳକୁ ନେଇ ଟୁର୍ଣ୍ଣାମେଂଟରେ ଫାଇନାଲ ପର୍ଯ୍ୟନ୍ତ ୩୩ଟି ମ୍ୟାଚ ଖେଳାଯିବ । ୭ ଭେନ୍ୟୁ- ମୋଟ ୭ଟି ଷ୍ଟାଡିୟମରେ ବିଶ୍ୱକପ୍ ଖେଳାଯିବ । ସେ ଗୁଡ଼ିକ ହେଲା ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡ, ବ୍ରିଷ୍ଟଲର କାଉଂଟି ଗ୍ରାଉଣ୍ଡ, ଲିଡ୍ସର ହେଡିଂଲେ କ୍ରିକେଟ୍ ଗ୍ରାଉଣ୍ଡ, ଲଣ୍ଡନର ଐତିହାସିକ ଲର୍ଡ୍ସ



ଓ ଓଭାଲ ଗ୍ରାଉଣ୍ଡ, ମାଂଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ୍ ଗ୍ରାଉଣ୍ଡ ଏବଂ ସାଉଥମ୍ପଟନର ରୋଜ ବାଓ୍ୱେଲ । ଜୁନ ୧୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟ ଏବଂ ଜୁନ ୩୦ରେ ପ୍ରଥମ ସେମି ଓ ଜୁଲାଇ ୨ରେ ଦ୍ୱିତୀୟ ସେମି ଫାଇନାଲ ଖେଳାଯିବ । ଜୁଲାଇ ୫ ତାରିଖରେ ଲର୍ଡ୍ସରେ ଫାଇନାଲ ମ୍ୟାଚ ଖେଳାଯିବାର ସୂଚୀ ରହିଛି । ଓଭାଲ ଗ୍ରାଉଣ୍ଡରେ ଉଭୟ ସେମି ଫାଇନାଲ ଖେଳାଯିବ । ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଗ୍ରୁପ୍ ଏ'ରେ ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ନେଦରଲାଣ୍ଡସ, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ଏବଂ ଗ୍ରୁପ୍ ବି'ରେ ଇଂଲଣ୍ଡ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ସ୍କଟଲାଣ୍ଡ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ସାମିଲ ରହିଛନ୍ତି ।

# ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଲେ ବିରାଟ କୋହଲି

ନୂଆଦିଲ୍ଲୀ : ବିରାଟ କୋହଲିଙ୍କ ସମ୍ପର୍କରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ ପୂର୍ବରୁ ଭାରତକୁ ବଡ଼ ଝଟକା ଲାଗିଛି । ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜରୁ ବାଦ ପଡ଼ିଛନ୍ତି ବିରାଟ କୋହଲି । ବିରାଟ କୋହଲିଙ୍କ ଅନୁପସ୍ଥିତିର କାରଣ ଆଘାତ ସମସ୍ୟା । ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିରାଟ କୋହଲିଙ୍କ ହାମଷ୍ଟ୍ରିଂଗ୍ ଆଘାତ ସମସ୍ୟା ରହିଛି । ତେଣୁ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜରେ ସେ ଖେଳିବେ ନାହିଁ । ତଥାପି, ଏହି ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତି ଜାରି କରାଯାଇ ନାହିଁ । ବିରାଟ କୋହଲି ଚଳିତ ଆଇପିଏଲର ସମସ୍ତ ମ୍ୟାଚ୍ ଖେଳିଥିଲେ । ଗୁଜରାଟ ବିପକ୍ଷରେ ଫାଇନାଲ ଜିତି ତାଙ୍କ ଟିମ୍ ଆରସିବି ଦ୍ୱିତୀୟ ଥର ବ୍ୟାକ୍ ଟୁ ବ୍ୟାକ୍ ଆଇପିଏଲ୍ ଟ୍ରଫି ବି ଜିତିଛି ।




ଫାଇନାଲରେ କୋହଲି ବ୍ୟାଟିଂ କରୁଥିବା ବେଳେ ଆହତ ହୋଇଥିଲେ । ମେ ୩ରେ ଦଳରେ ଚୟନ, ୪ ଜୁନରେ ଆଉଟ୍ ! ଆଫଗାନିସ୍ତାନ ବିପକ୍ଷ ସିରିଜ ପାଇଁ ଟିମ୍ ଇଣ୍ଡିଆର ଦଳ ମେ ୧୯ ତାରିଖରେ ଘୋଷଣା କରାଯାଇଥିଲା । ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସହିତ ଏକଦିବସୀୟ ଦଳରେ ଚୟନ କରାଯାଇଥିଲା । ବିରାଟ କୋହଲି ଆଉ ଆଫଗାନିସ୍ତାନ ବିପକ୍ଷରେ ଖେଳୁଥିବାରୁ ଦେଖିବାକୁ ମିଳିବେ ନାହିଁ । ବିସିସିଆଇ ସୂତ୍ରରୁ ହାମଷ୍ଟ୍ରିଂଗ୍ ଆଘାତ ଯୋଗୁଁ ସେ ସିରିଜରେ ଖେଳିବେ ନାହିଁ । ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଜୁନ୍ ୧୩ ତାରିଖରେ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ଦିନିକିଆ ଧର୍ମଶାଳାରେ ଖେଳାଯିବ । ଦ୍ୱିତୀୟ ଦିନିକିଆ ଜୁନ୍ ୧୭ ତାରିଖରେ ଲକ୍ଷ୍ନୌରେ ଖେଳାଯିବ । ତୃତୀୟ ଦିନିକିଆ ଜୁନ୍ ୨୦ ତାରିଖରେ ଚେନ୍ନାଇରେ ଖେଳାଯିବ । ସିରିଜ ଆରମ୍ଭ ହେବା ପୂର୍ବରୁ କୋହଲିଙ୍କୁ ନେଇ ଏ ଖବର ଆସିବା ଦଳକୁ ଚିନ୍ତାରେ ପକାଇଛି । ବଢ଼ିଲା ଫ୍ୟାନ୍ସଙ୍କ ଅପେକ୍ଷା- ବିରାଟ କୋହଲି ସମ୍ପ୍ରତି ଆରସିବିକୁ ଲଗାତାର ଦ୍ୱିତୀୟ ଥର ପାଇଁ ଆଇପିଏଲ ୨୦୨୬ ଟାଇଟଲ ଜିତିବାରେ ବଡ଼ ଭୂମିକା ତୁଲାଇଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**